

Digitized by srujanika@gmail.com

Digitized by srujanika@gmail.com

ଶ୍ରେଷ୍ଠ ସାହିତ୍ୟ ଗ୍ରନ୍ଥମାଳା

ନର ମାଂସାଶୀ

ମୂଳ ଲେଖକ

ଜୁଲେ ଭର୍ଣ୍ଣେ

ଅନୁବାଦ

ଯତୀନ୍ଦ୍ର କୁମାର ଦାସ

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ଜୁଲ ଭର୍ଣ୍ଣେଙ୍କ

Among the Cannibals ର

ଓଡ଼ିଆ ଅନୁବାଦ ।

ପ୍ରକାଶକ :

ଶ୍ରୀ ଗୋବିନ୍ଦ ଚରଣ ପାଣି

ଓଡ଼ିଶା ବୁକ୍ ଷ୍ଟୋର

ବିନୋଦ ବିହାରୀ

କଟକ—୭୫୩୦୦୨

ମୁଦ୍ରାକର :

ଅଲକା ପ୍ରେସ

କଟକ—୭୫୩୦୦୯

ପରିମାର୍ଜ୍ଜିତ ସଂସ୍କରଣ :

ଏପ୍ରିଲ, ୧୯୭୮

ଦୁଇ ଟଙ୍କା

Oriya translation of Jules Verne's "Among the Cannibals" by Jatindra Kumar Das.

Digitized by srujanika@gmail.com

—ଏକ—

୧୮୫୦ ଖ୍ରୀଷ୍ଟାବ୍ଦର କଥା ।

କ୍ୟାପଟେନ ଗ୍ରାଣ୍ଟ ବ୍ରିଟାନିଆ ଜାହାଜରେ ଦକ୍ଷିଣ ଷରଷାପ୍ସ ଦ୍ୱୀପପୁଞ୍ଜ ଆଡ଼େ ଯାଇଥିଲେ । ସେଇ ଅଞ୍ଚଳରେ କୌଣସି ନୂଆ ଦ୍ୱୀପ ଆବିଷ୍କାର କରି ଉପନିବେଶ ସ୍ଥାପନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ସେ ଅଷ୍ଟ୍ରେଲିଆରେ ପହଞ୍ଚିଥିବାର ଖବର ମିଳିଥିଲା । କିନ୍ତୁ ତା ପରେ ଜାହାଜ କିମ୍ବା ତାଙ୍କର ଆଉ କିଛି ଖବର ମିଳିଲାନି ।

ପ୍ରାୟ ଦୁଇ ବର୍ଷ ପରେ ଲର୍ଡ଼ ଗ୍ଲେନାରଭ୍ୟାନ ଡ଼ନ୍କାନ୍ ଜାହାଜରେ କ୍ୟାପଟେନ୍ ଗ୍ରାଣ୍ଟଙ୍କୁ ଖୋଜିବାକୁ ବାହାରିଲେ ।

ଲର୍ଡ଼ ଗ୍ଲେନାରଭ୍ୟାନଙ୍କ ସଙ୍ଗରେ ଗଲେ ତାଙ୍କ ସ୍ତ୍ରୀ ଲେଡ଼ି ହେଲେନା, କ୍ୟାପଟେନ୍ ଗ୍ରାଣ୍ଟଙ୍କ ଝିଅ ମେରୀ ଓ ପୁଅ ରବର୍ଟ- ଦୁଃସାହସୀ ଯୁବକ ମ୍ୟାଙ୍ଗ୍‌ଲସ୍; ଭୌଗଳିକ ପ୍ୟାଗାନେଲ, ଜଣେ ମେଜର, ପୁଷ୍ଟାଗ୍ର ଅଲ୍‌ବିନେଟ୍, ମୁଲରାଡ଼ି, ଉଇଲସନ ଏବଂ ଆଉ କେତେଜଣ ।

ସେ ବୁଲି ବୁଲି ଅଷ୍ଟ୍ରେଲିଆର ଟୁଫାଲ୍‌ଡ ଉପସାଗରର ଗୋଟିଏ ସ୍ଥାନରେ ଓହ୍ଲାଇଲେ । ସେଠାରେ ଗୋଟିଏ ଫାର୍ମରେ ବ୍ରିଟାନିଆ ଜାହାଜର କ୍ୱାର୍ଟର ମାଷ୍ଟର ଆଇରନ୍‌ଟନ୍ ସଙ୍ଗେ ହଠାତ୍ ଦେଖା ହୋଇଗଲା । ତା ଠାରୁ ଖବର ମିଳିଲା କ୍ୟାପ୍‌ଟେନ୍ ଗ୍ରାଣ୍ଟଙ୍କ ଜାହାଜ ବୁଡି ଯାଇଛି । ସେ ଜାହାଜର କିଏ କିଏ ବଞ୍ଚିଛନ୍ତି ବା କୁଆଡ଼େ ଯାଇଛନ୍ତି ସେ କିଛି କହି ପାରିବନି । କେବଳ ସେ ବହୁତ କଷ୍ଟରେ ଏଠାରେ ଆସି ପହଞ୍ଚିଛି ।

ତା ପରେ ଆଇରନ୍‌ଟନ୍ ଯେଉଁଠାରେ ଜାହାଜ ବୁଡ଼ିଥିଲା ବୋଲି ତାର ସନ୍ଦେହ, ସେଇ ସ୍ଥାନ ଦେଖାଇବା ପାଇଁ ସେମାନଙ୍କୁ ଘୋଡ଼ାଗାଡ଼ିରେ ନେଇଗଲା । କିନ୍ତୁ ହଠାତ୍ ବାଟରେ ଜଙ୍ଗଲ ଭିତରେ ଘୋଡାଗୁଡ଼ିକ ଆଶ୍ଚର୍ଯ୍ୟ ଜନକ ଭାବରେ ମରିଗଲେ । ମହା ବିପଦ – ଯୁଆଡେ ଜାହାଜର ମରାମତି କରିବା ଦରକାର, କିନ୍ତୁ ଜାହାଜଠାରୁ ବହୁତ ଦୁରକୁ ସେମାନେ ଚାଲି ଆସିଛନ୍ତି ।

ତେଣୁ ଲର୍ଡ଼ ଗ୍ଲେନାରଭ୍ୟାନ୍ ଡନ୍‌କାନ ଜାହାଜର ସହକାରୀ କ୍ୟାପଟେନ୍ ଟମ୍‌ଙ୍କୁ ଗୋଟିଏ ଚିଠି ଲେଖି ଆଦେଶ ଦେଲେ ସେ ଯେପରି ଅଷ୍ଟ୍ରେଲିଆର କୂଳେ କୂଳେ ବରାବର ଆସନ୍ତୁ । ସେମାନେ ସମୁଦ୍ର କୂଳେ କୂଳେ ଯାଉଥିବେ । ଆଇରନ୍‌ଟନ୍ ହାତରେ ସେ ଚିଠି ପଠାଇଦେଲେ । ସେ ଚିଠି ନେଇ ଚାଲିଗଲା । କିନ୍ତୁ ଆଉ ଫେରିଲାନି । ଜାହାଜ ବି ଆସିଲାନି । ସମୁଦ୍ର କୂଳରେ ଲର୍ଡ଼ ସଦଳବଳେ ଅନେକ ଦିନ ଅପେକ୍ଷା କଲେ । କିନ୍ତୁ ବୃଥା ଆଶା ।

Digitized by srujanika@gmail.com

ସ୍ଥାନୀୟ ଲୋକଙ୍କ ଠାରୁ ଖବର ମିଳିଲା—ସେ ଦଳେ କୟେଦୀ ଜେଲରୁ ଖସି ଆସି ଘୋର ଡକାୟତି କରି ବୁଲୁଛନ୍ତି । ଲୁଟ୍‌ତରାଜ କରି ଚାରିଆଡ଼େ ଆତଙ୍କ ଖେଳାଇ ଦେଲେଣି । ଜାହାଜଟି ନିଶ୍ଚୟ ସେମାନଙ୍କ କବଳରେ ପଡ଼ିଯାଇଛି । ଯେଉଁ ଲୋକଟି ନିଜକୁ ଆଇରନ୍ ଠନ୍ ବୋଲି କହୁଥିଲା, ସେ ହେଉଛି ସେଇ ଡକାୟତମାନଙ୍କ ସର୍ଦ୍ଦାର, ଜେମ୍ ଜଏସ୍ ।

ସର୍ବନାଶ ! କ୍ୟାପଟେନ୍ ଗ୍ରାଣ୍ଟଙ୍କୁ ସେମାନେ ଖୋଜିବା ପାଇଁ ଆସିଥିଲେ । ତାଙ୍କର କିଛି ଖବର ତ ମିଳିଲାନି—ବରଂ ନିଜ ଜାହାଜଟି ବି ଶେଷରେ ଡକାୟତମାନଙ୍କ ହାବୁଡ଼ରେ ପଡ଼ିଗଲା । ଜାହାଜର ନାଉରୀମାନଙ୍କୁ ହୁଏତ ଡକାୟତମାନେ ମାରି ସମୁଦ୍ରରେ ପକାଇ ଦେଇଛନ୍ତି । ଶିହରି ଉଠିଲେ ଲର୍ଡ । ଲୁହରେ ଆଖି ପୂରିଗଲା । କି ହଇରାଣରେ ପଡ଼ି ନ ଗଲେ ସେମାନେ ! ବର୍ତ୍ତମାନ ଦେଶକୁ ଫେରିଯିବା ଛଡ଼ା ଆଉ କିଛି ଉପାୟ ନାହିଁ ।

ବାପାଙ୍କୁ ବି ଉଦ୍ଧାର କରାଯାଇ ପାରିଲାନି । ଏପରି କି ତାଙ୍କର କୌଣସି ଖବର ବି ମିଳିଲାନି । ମେରି ଓ ରବର୍ଟ କାନ୍ଦିବାକୁ ଲାଗିଲେ ।

ଶେଷରେ ଫେରିଯିବା ପାଇଁ ସ୍ଥିର ହେଲା । କିନ୍ତୁ ଜନ୍ ମ୍ୟାଙ୍ଗଲସ କହିଲା, ସେ ଦେଶକୁ ଫେରିଯିବନି—କ୍ୟାପଟେନ୍ ଗ୍ରାଣ୍ଟଙ୍କୁ ଖୋଜିବ । ଯେତେଦିନ ଯାଏ ତାଙ୍କ ସନ୍ଧାନ ନ ମିଳିଛି, ସେତେଦିନ ପର୍ଯ୍ୟନ୍ତ ସେ ଅଷ୍ଟ୍ରେଲିଆରେ ରହିବ ।

Digitized by srujanika@gmail.com

କିନ୍ତୁ ସେମାନେ ଫେରିବେ କିପରି ? ଟ୍ରୁଫଲ୍ଡ଼ ଉପସାଗରରୁ କୌଣସି ଜାହାଜ ଇଉରୋପକୁ ଯିବା ଆସିବା କରେ ନାହିଁ । ତେଣୁ ସେମାନଙ୍କୁ ମେଲ୍‌ବୋର୍ଣ୍ଣ କିମ୍ବା ସିଡ଼ନି ବନ୍ଦରକୁ ଯିବାକୁ ହେବ । ମେଲ୍‌ବୋର୍ଣ୍ଣ ବା ସିଡନି—କେହି ପାଖ ନୁହେଁ । ଟ୍ରୁଫଲ୍ଡ ଉପସାଗରରୁ ସେଠାକୁ କୌଣସି ଯାତ୍ରୀଜାହାଜ ଯାଏ ନାହିଁ । କେତେବେଳେ କେମିତି ଗୋଟାଏ ଅଧେ ମାଲବାହୀ ଜାହାଜ ଯାଏ ।

ବହୁତ ଖୋଜାଖୋଜି କରିବା ପରେ 'ମ୍ୟାକୋୟାର' ନାମକ ଗୋଟିଏ ଜାହାଜ ମିଳିଲା—ନ୍ୟୁଜିଲ୍ୟାଣ୍ଡର ଅକ୍‌ଲ୍ୟାଣ୍ଡ ବନ୍ଦରକୁ ଯିବ । ସେଠାରୁ ଇଉରୋପଗାମୀ ଜାହାଜ ନିଶ୍ଚୟ ମିଳିବ ।

ମ୍ୟାକୋୟାର ଜାହାଜର କ୍ୟାପଟେନ୍ ହେଉଛନ୍ତି ୱିଲ୍‌ହାଲି । ଚେହେରା ଅତି କଦର୍ଯ୍ୟ । ଆଖି ଦୁଇଟା ଲାଲ ଲାଲ—ଚବିଶ ଘଣ୍ଟା ମଦ ନିଶାରେ ମଜ୍‌ଗୁଲ୍ ଥାଏ । ବ୍ୟବହାର ବି ଅତି କଦର୍ଯ୍ୟ ।

ସେ ସେମାନଙ୍କୁ ଦେଖି ଗର୍ଜି ଉଠିଲା, କଣ ଚାହଁ ?

ଆମେ ଅକ୍‌ଲ୍ୟାଣ୍ଡ ଯିବୁ ।

କେତେଜଣ ଅଛ ?

ଦୁଇଜଣ ସ୍ତ୍ରୀ ଲୋକଙ୍କୁ ମିଶାଇ ଆମେ ନଅ ଜଣ ।

Digitized by srujanika@gmail.com

ସାତ ଶହ ଲାଗିବ । ଫାହ୍ନକଏ ବି କମ୍ ହେବନି । ଯଦି ଯିବାପାଇଁ ଇଚ୍ଛା ଥାଏ ତ ଆସ, ନହେଲେ ଯାଅ । ଆଖିକୁ ଆହୁରି ଲାଲ ଲାଲ କରି ରୁକ୍ଷ ଭାବରେ କହିଲା ଉଇଲ୍‌ହାଲି ।

ବାଧ୍ୟ ହୋଇ ତା କଥାରେ ରାଜି ହେବାକୁ ପଡ଼ିଲା ।

ଆଗନ୍ତୁକ ବନ୍ଧୁ କହୁ—କ୍ୟାପଟେନ୍ ରାକ୍ଷସ ପରି ହାତଟା ତାର ବଢ଼ାଇଦେଲା ।

ଲର୍ଡ଼ ଗ୍ଲେନାରଭ୍ୟାନ ତିନି ଶହ ତା ହାତକୁ ବଢ଼ାଇ ଦେଲେ ।

ଟଙ୍କା ଗଣୁ ଗଣୁ କ୍ୟାପଟେନ୍ କହିଲା—କାଲି ସକାଳୁ ଜାହାଜକୁ ଆସ—ଖରାବେଳେ ଜାହାଜ ଛାଡ଼ିବ—ତମେ ସବୁ ଆସ କି ନ ଆସ ।

ଜାହାଜରୁ ସେମାନେ ଓହ୍ଲାଇ ଆସିଲେ । ଭୌଗଳିକ ପ୍ୟାଗାନେଲ ନିଉଜିଲ୍ୟାଣ୍ଡର ଗୋଟିଏ ମାନଚିତ୍ର କିଣିଲା । ସେମାନେ ତା ଆରଦିନ ଜିନିଷପତ୍ର ନେଇ ଜାହାଜରେ ଚଢ଼ିଲେ ।

ଠିକ୍ ହେଲା, ସାବଧାନରେ ଚଳିବାକୁ ହେବ । ସେମାନଙ୍କୁ ଯେଉଁଠାରେ ରହିବାକୁ କୁହାଗଲା, ସେଠାରେ ମଣିଷ ତ ଦୂରର କଥା ଧୁଡୁର ବି ରହିପାରିବେ ନାହିଁ । କେତେଟା ଦିନ କୌଣସି ମତେ କଟାଇ ଦେଲେ ଯାଏ । ପ୍ରାୟ ଛ ଦିନ ଲାଗିବ । ହଜାର

ମାଇଲ୍ ଷ୍ଟା—ଉଇଲ୍ ହାଲି ଲୋକ ହିସାବରେ ମୋଟେ ଭଲ ନୁହେଁ । ଏକଜିଦିଆ, ଗୁଣ୍ଡା, ମୂର୍ଖ ଆଉ ମାତାଲ । ଡକାୟତ ନହେଲେ ରକ୍ଷା । ସବୁବେଳେ ସତର୍କ ରହିବା ଦରକାର । ଜାହାଜର ଲୋକଙ୍କ ଉପରେ ବିଶ୍ୱାସ କରିବା ମୋଟେ ଉଚିତ୍ ନୁହେଁ । କ୍ୟାପଟେନ ଯେମିତି ଧରଣର ଲୋକ, ତା ଲୋକ ଗୁଡ଼ାକ ବି ସେହିପରି । ସମସ୍ତେ ପକ୍କା ମଦୁଆ । ବଦ୍ ମିଜାଜି । ଭଲରେ ଭଲରେ ପହଞ୍ଚିଗଲେ ହେଲା ।

Digitized by srujanika@gmail.com

— ଦୁଇ —

ଜାହାଜ ଛାଡ଼ି ଦେବା ପରେ ଜଣା ପଡ଼ିଲା ଆଉ ଯାହା ହେଉ ନା କାହିଁକି ଉଇଲ୍‌ହାଲି ଜଣେ ଓସ୍ତାଦ ନାଉରି । ଏଇ ଅଞ୍ଚଳରେ ସମୁଦ୍ର ତାର ନଖ ଦର୍ପଣରେ । ଏ ଅଞ୍ଚଳର ସମୁଦ୍ର ଖୁବ୍ ଭୟାବହ । ସମୁଦ୍ର ତଳେ ତଳେ ରହିଛି ଅସଂଖ୍ୟ ପ୍ରବାଳ ପାହାଡ଼ । କେଉଁଠାରେ ଅଳ୍ପ ମୁଣ୍ଡ ଟେକିଛି ତ କେଉଁଠାରେ ପାଣିର ତଳେ । ସେଥିରେ ଧକ୍କା ଲାଗିବା ସଙ୍ଗେ ସଙ୍ଗେ ଜାହାଜର ତଳି ଫୁଟିଯିବ । ଆଉ ବୁଡ଼ି ମରିବାକୁ ବା କେତେ ସମୟ ଲାଗିବ ? କିନ୍ତୁ ଜାହାଜକୁ ମାତାଲ କ୍ୟାପଟେନ ବେଶ ଭଲ ଭାବରେ ଚଳାଇ ନେଇ ଯାଉଥିଲା ।

ଏଇପରି ଭାବରେ ଦିନେ ଦୁଇଦିନ ହୋଇ ଗୃରଦିନ କଟିଗଲା । ଏହା ଭିତରେ ବର୍ଷା ଝଡ଼ କେତେ ଆସିଲା, କେତେ ଗଲା ତାର ଠିକଣା ନାହିଁ । ଦୁଃଖ କଷ୍ଟର ଆଉ ସୀମା ରହିଲା ନାହିଁ । ବିଶେଷତଃ ସ୍ତ୍ରୀ ଲୋକଙ୍କର ଅବସ୍ଥା ତ ଶୋଚନୀୟ — ଏତେ କଷ୍ଟ ସେମାନେ ଜୀବନରେ ଆଉ କେବେ ପାଇ ନଥିଲେ ।

Digitized by srujanika@gmail.com

ପାଞ୍ଚ ଦିନ ଗଲା । ଛ ଦିନ ବି ଗଲା । ଅକ୍‌ଲ୍ୟାଣ୍ଡ ତ ଦୂରର କଥା, କୂଳ ମଧ୍ୟ ଦେଖାଗଲା ନାହିଁ । ସେମାନେ ଶଙ୍କିତ ହୋଇ ଉଇଲ୍‌ହାଇଲକୁ ପଚାରିଲେ, ଆଉ କେତେଦିନ ଲାଗିବ ? ଭୁଲ ବାଟରେ ଆସିନେ ତ ?

ଚିତ୍କାର କରି ଉଠିଲା କ୍ୟାପଟେନ – ନିଜ ନିଜ କଥା ଭାବ, ଖବରଦାର ! ମୋ କାମରେ ମୁଣ୍ଡ ଖେଳାଅ ନାହିଁ କହୁଚି । ଯାଅ, ଚୁପଚାପ୍ ବସ ।

ବିଧା ମାରି ଉଇଲ୍‌ହାଇଲର ନାକଦଣ୍ଡା ଫଟାଇ ଦେବାକୁ ଇଚ୍ଛା ହେଉଥିଲା । କିନ୍ତୁ ରାଗ ଚୃପିଲେ ସମସ୍ତେ । ତାକୁ ମାଡ଼ ଦେଲେ ଆହୁରି ବିପଦ । ବାଟଘାଟ କିଛି ଜଣା ନାହିଁ । ପୁଣି ଏଇ ପ୍ରବାଳ ପାହାଡ଼ର ବାଟ ଖୁବ୍ ବିପଦ୍ ଜନକ ।

ସେଦିନ ସନ୍ଧ୍ୟାରେ ଆସିଲା ପ୍ରବଳ ଝଡ଼ । ଆକାଶ କଳା ହୋଇଗଲା ମେଘରେ । ଘଡ଼ଘଡ଼ ବିଜୁଳି ଚମକିଲା । ଘଡ଼ଘଡ଼ି ଶବ୍ଦରେ କାନ ଅତଡ଼ା ପଡ଼ିଲା । ତା ପରେ କି ତୋଫାନ ! ପାହାଡ଼ ପରି ଢେଉ ଆସି ଜାହାଜକୁ ନଚୃଇବାକୁ ଲାଗିଲା । ଆଉ ବଞ୍ଚିବାର ଆଶା ନାହିଁ ।

ଏଣେ ଦୁଇଦିନ ହେଲା, ଖାଲି କ୍ୟାପଟେନ୍ ଉଇଲ୍‌ହାଇଲ ନୁହେଁ, ଜାହାଜର ନାଉରିମାନେ ମଧ୍ୟ ମଦ ନିଶାରେ ଟଳମଳ ହେଉଥାଆନ୍ତି । ଅସମ୍ଭାଳ ଅବସ୍ଥା । ଆଖି ଲାଲ ଲାଲ । ଟଳି ଟଳି ପଡ଼ିଯାଉଛନ୍ତି ସମସ୍ତେ । ତୋଫାନ ଦେଖି କ୍ୟାପଟେନର ବୋଧ-ହୁଏ ଚେତା ଆସିଲା । କେବିନ୍‌ରୁ ବାହାରି ଆସି ଗର୍ଜନ କରି

Digitized by srujanika@gmail.com

ଆଦେଶ ଦେବାକୁ ଲଗିଲ ନାବିକମାନଙ୍କୁ । ଖାଲି ଝଡ଼ ନୁହେଁ, ବର୍ଷା ବି ହେଲ— ଯେପରି ଖଣ୍ଡ ପ୍ରଳୟ !

କିଛି ସମୟ ଯିବା ପରେ ହଠାତ୍ ଗୋଟାଏ ପ୍ରଚଣ୍ଡ ଧକ୍କାରେ ଜାହାଜଟା ଦୋହଲି ଦୋହଲି ରହିଗଲା । ଚାରିଆଡ଼େ ଅନ୍ଧାର -- ପ୍ରଳୟ ତୋଫାନ । ଜଣା ପଡ଼ିଲା, ଜାହାଜଟା ବୋଧହୁଏ ଗୋଟାଏ ପ୍ରବାଳ ପାହାଡ଼ କିମ୍ବା ବାଲିଚଡ଼ାରେ ଅଟକି ଯାଇଛି ।

ସେମାନେ ସମସ୍ତେ ଥିଲେ ଜାହାଜର ତଳେ । ଖୋଜି ଦେଖିଲେ ଜାହାଜ ତଳଟା ଫୁଟିଯାଇଛି କି ନାହିଁ । ନା, ଫୁଟିନି ।

ଏଇ ସମୟରେ ବାହାରେ ଶୁଣାଗଲା କୋଳାହଳ । ତା' ପରେ ଦେଖାଗଲା କେତେଜଣ ମାତାଲ ନାଉରୀ ସିଡ଼ି ରେ ତଳକୁ ଓହ୍ଲାଇ ଆସୁଛନ୍ତି । ସେମାନଙ୍କ ରାକ୍ଷସ ଆକୃତି ମଦ ନିଶାରେ ଆହୁରି ଉଗ୍ର ହୋଇ ଉଠିଛି । ବୋଧହୁଏ ରାଗି ପାଇଛନ୍ତି -- ସେମାନଙ୍କୁ ମାରି ପକାଇବାକୁ ଆସୁଛନ୍ତି ।

ଜନ୍ ମ୍ୟାଙ୍ଗ୍ଲସ ହଠାତ୍ ରିଭଲଭର ବାହାର କରି ଗର୍ଜ୍ଜନ କରି ଉଠିଲି, ଆଉ ପାଦେ ଆଗେଇବାକୁ ଚେଷ୍ଟା କଲେ ସିଧା ଯମପୁର ପଠାଇଦେବ ।

ଏହା କହି ଦୁଇଥର ଅନ୍ୟ ଆଡ଼କୁ ଲକ୍ଷ୍ୟ କରି ରିଭଲଭର ଫୁଟାଇଲା ।

Digitized by srujanika@gmail.com

ଗୁଳି ଶବ୍ଦରେ ନାଉରୀମାନେ ଭୟ ପାଇ ପଳେଇଗଲେ । ତା ପରେ ସିଡ଼ି କବାଟ ବନ୍ଦ କରି ସେମାନେ ଚୁପ୍‌ଚାପ୍ ବସି ରହିଲେ । ବୁଝି ପାରିଲେ—ଏମାନେ ବି ଡକାୟତ—ବିନା ଯୁଦ୍ଧରେ ଏମାନଙ୍କ ହାତରୁ ଖସିବାର ଉପାୟ ନାହିଁ ଆଉ ।

ଖୁବ୍ ଦୁଶ୍ଚିନ୍ତାରେ ରାତିଟି କଟିଲା । ଭୋରର ଆଲୁଅ ଦେଖା ଯିବାରୁ ରବର୍ଟ—ଷ୍ଟ୍ୟାଗାନେଲ ସନ୍ତର୍ପଣରେ ଉପରକୁ ଉଠିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା; କେହି କୁଆଡ଼େ ନାହିଁ—ସବୁ ଶୂନଶାନ । ବୋଧହୁଏ କ୍ୟାପ୍‌ଟେନ ଆଉ ତା ଲୋକମାନେ ମଦ ନିଶାରେ ଢୁଳାଉଛନ୍ତି । କେବିନ୍ ପାଖକୁ ଆସି ସେମାନେ ଅବାକ ହେଲେ । କବାଟ ଖୋଲା—କ୍ୟାପଟେନ୍ ନାହିଁ । ଖାଲି କ୍ୟାପଟେନ ନୁହେଁ—ଦେଖାଗଲା କେହି ଜଣେ ସୁଦ୍ଧା ଜାହାଜରେ ନାହିଁ । ହଠାତ୍ ନଜରରେ ପଡ଼ିଲା—ନୌକାଟି ବି ନାହିଁ । ତା' ହେଲେ ସମସ୍ତେ ପଳାଇଛନ୍ତି । ଆଠ, ନଅ ମାଇଲ ଦୂରରେ ଦେଖାଯାଉଛି-କୂଳ—ବୋଧହୁଏ ସେଇଠିକି ଯାଇଛନ୍ତି ।

ଜାହାଜ ଅଟକି ରହିଛି ପ୍ରବାଳ ପାହାଡ଼ରେ—ଉତ୍ତାଳ ସମୁଦ୍ର—ଦୂରରେ କୂଳ—କିନ୍ତୁ କୂଳକୁ ଯିବାପାଇଁ ଗୋଟିଏ ସୁଦ୍ଧା ଡଙ୍ଗା ନାହିଁ ।

ଜୁଆର ସମୟରେ ନଙ୍ଗର ଉଠାଇ ସେମାନେ ଥରେ ଚେଷ୍ଟା କଲେ ଜାହାଜକୁ ଭସାଇବା ପାଇଁ । କିନ୍ତୁ କିଛି ଫଳ ହେଲନି । ଜାହାଜ ଭାସିଲାନି । ଜୋରରେ ଅଟକି ଯାଇଛି । ତା' ଆରଦିନ ଜୁଆର ସମୟରେ ଆଉ ଥରେ ଚେଷ୍ଟା କରାଗଲା ।

Digitized by srujanika@gmail.com

ଏଥର ବି ସେଇ ଅବସ୍ଥା । ଅଚଳ ହୋଇ ଠିଆ ହୋଇଛି ଜାହାଜ ।

ସେତେବେଳେ ସ୍ଥିର ହେଲା ଭେଳା କରି ଯିବା ଛଡ଼ା ଆଉ ଉପାୟ ନାହିଁ । କୂଳକୁ ଯିବାକୁ ହେବ; ତା' ପରେ ଗୁଳ ଗୁଳ ଅକଲ୍ୟାଣ । ଭେଳା ତିଆରି ଆରମ୍ଭ ହେଲା । ସମସ୍ତେ ମିଶି ମାସ୍ତୁଲ କାଟି, ତକ୍ତା ପକାଇ, ଦଉଡ଼ି ଦେଇ ବାନ୍ଧି ବିରାଟ ଆକାରର ଭେଳା ତିଆରି କଲେ । ସମୁଦ୍ର ପାଣିରୁ ଉଚ୍ଚ କରିବା ପାଇଁ ତଳେ କେତୋଟା ଖାଲି ଡ୍ରମ ବାନ୍ଧି ଦିଆଗଲା । କିଛି ଖାଇବା ଜିନିଷ ଓ ସେମାନେ ଗୁଡ ଯାଇଥିବା କିଛି ଗୋଳାଗୁଳି ସଙ୍ଗରେ ନେଲେ ।

ତା' ପରେ ଭେଳା ଭସାଇ କୂଳ ଆଡ଼କୁ ସେମାନେ ଗୁଳଲେ ।

Digitized by srujanika@gmail.com

—ତିନି—

ଅଳ୍ପ ଦୂରରେ ନିଉଜିଲାଣ୍ଡର ଉପକୂଳ ଦେଖାଯାଉଛି । ଅଜଣା ସ୍ଥାନ । ସହର ବା ବନ୍ଦର କେତେ ଦୂରରେ କିଏ ଜାଣେ । ହୁଏତ କୂଳରେ ଥିବ ନିର୍ଜନ ବଣ, କିମ୍ବା ଆଦିବାସୀମାନଙ୍କ ହାବୁଡ଼ରେ ପଡ଼ିଯାଇ ପାରନ୍ତି ସେମାନେ ।

ଭୌଟଳିକ ପ୍ୟାଗାନେଲ୍‌ର ଚିନ୍ତିତ ମୁହଁ ଦେଖି ଜନ୍‌ମ୍ୟାଙ୍ଗ୍‌ଲସ ପଚାରିଲେ, ତୁମେ ଏତେ ଚିନ୍ତିତ କାହିଁକି ?

ଚିନ୍ତା କଣ ଇଚ୍ଛା କରି କରାଯାଏ ? ନିଉଜିଲ୍ୟାଣ୍ଡରେ ପାଦ ଦେଲେ ଆଉ କେହି ଜୀବନରେ ଫେରନ୍ତି ନାହିଁ ଶୁଣିଛି ।

କାହିଁକି ?

ପ୍ୟାଗାନେଲ କହିଲେ, ଏ ଦେଶର ଇତିହାସ ମୁଁ ଜାଣେ, ତେଣୁ ଏ କଥା କହୁଛି ।

Digitized by srujanika@gmail.com

କି ଇତିହାସ ଜାଣିଛ କହିଲ ? ମୁଲବାଓ ପଚାରିଲା ।

ଏଇଟା ହେଲା ନରମାଂସାଶୀମାନଙ୍କ ଦେଶ ।

ନରମାଂସାଶୀ ? ଚମକି ଉଠିଲେ ସମସ୍ତେ ।

ହଁ ।

ଏହା କହି ସେ ନିଉଜିଲାଣ୍ଡର ଇତିହାସ କହିବାକୁ ଲାଗିଲା ।

ନିଉଜିଲାଣ୍ଡର ଜଙ୍ଗଲୀ ଆଦିବାସୀମାନଙ୍କ ନାମ ମାଓରି । ସେମାନଙ୍କ ଭଳି ସ୍ୱତନ୍ତ୍ର ପ୍ରକୃତିର ମଣିଷ ପୃଥିବୀରେ ଆଉ ନାହାନ୍ତି । ଯଦିଓ ଇଂରେଜମାନେ ଏ ଦେଶକୁ ଅଧିକାର କରିଛନ୍ତି ତଥାପି ସେମାନେ ଏହି ଆଦିବାସୀମାନଙ୍କୁ ଶାସନ କରିବାକୁ ଅସ୍ତବ୍ୟସ୍ତ ହୋଇଯାଉଛନ୍ତି । ସମଗ୍ର ଦେଶକୁ ତ ଦଖଲ କରିପାରି ନାହାନ୍ତି, ଯେଉଁ ଟିକିକ ସହର ବନ୍ଦର ସେମାନଙ୍କ ହାତରେ ଅଛି, ତାକୁ ବି ରକ୍ଷା କରିବା କଷ୍ଟକର ହେଲାଣି । ଯୁଦ୍ଧ ଅନବରତ ଲାଗି ରହିଛି । ଏଠା ଲୋକେ ନିପୁଣ ଯୋଦ୍ଧା ଓ ଖୁବ୍ ଦୁଃସାହସୀ । ଇଉରୋପୀୟ-ମାନଙ୍କ ଉପରେ ସେମାନଙ୍କର ଭୀଷଣ ରାଗ, ବିଶେଷତଃ ଇଂରେଜମାନଙ୍କ ଉପରେ ।

କଣ କହୁଚ ? ଉଇଲ୍‌ସନ ଆତଙ୍କିତ ହୋଇ ପଚାରିଲା ।

ହଁ; ଭୌଗଳିକ କହିଲା । ସେଇଥିପାଇଁ ତ କହୁଚି ଏ ଦେଶ ଭିତର ଦେଇ ଯିବା ମାନେ ଯମପୁରୀ ଦେଇ ଯିବା । ଆଚ୍ଛା

Digitized by srujanika@gmail.com

ଏ ଭେଲାଟିକୁ ସମୁଦ୍ରବାଟରେ ଅକ୍ଲାଣ୍ଡ ପର୍ଯ୍ୟନ୍ତ ନେଇ ହେବନି ? ତା' ହେଲେ ମୋଟେ କୂଳରେ ଓହ୍ଲାଇବାକୁ ପଡ଼ନ୍ତା ନାହିଁ ।

ଜନ ମ୍ୟାଙ୍ଗ୍ଲସ କହିଲେ, ଅସମ୍ଭବ । ଏଇ ଦଦରା ଭେଲା ସମୁଦ୍ରର ଧକ୍କା ମୋଟେ ସହି ପାରିବ ନାହିଁ ।

ମାଓରିମାନେ ମଣିଷ ମାଂସ ଖାଆନ୍ତି । ପ୍ୟାଗାନେଲ ଆଉ ଥରେ କହିଲେ ।

ମଣିଷ ମାଂସ ଖାଆନ୍ତି ?

ହଁ । ଯୁଦ୍ଧ ବନ୍ଦୀମାନଙ୍କୁ ଏମାନେ ଖାଆନ୍ତି । ଏମାନଙ୍କର ଅନ୍ଧବିଶ୍ୱାସ, ସେମାନଙ୍କୁ ଖାଇଲେ ବନ୍ଦୀମାନଙ୍କ ବଳ, ବୀର୍ଯ୍ୟ, ସାହସ ସବୁ କିଛି ନିଜ ଦେହ ଭିତରକୁ ଆସିଯାଏ । ଯୁଦ୍ଧରେ ମରିଯାଇଥିବା ଲୋକମାନଙ୍କୁ ଆଗେ କବର ଦେଉଥିଲେ, କିନ୍ତୁ ଏବେ ସେମାନଙ୍କୁ ଖାଉଛନ୍ତି ! ସେମାନଙ୍କ ମତରେ ମଣିଷ ମାଂସ ପରି ସୁସ୍ୱାଦୁ ଖାଦ୍ୟ ଆଉ କିଛି ନାହିଁ ।

ସେମାନେ ସବୁ ଖ୍ରୀଷ୍ଟିୟାନ ? ଲେଡ଼ି ହେଲେନା ପ୍ରଶ୍ନ କଲେ ।

ନା, ଅଳ୍ପ ଲୋକ ଖ୍ରୀଷ୍ଟିୟାନ । ଖ୍ରୀଷ୍ଟଧର୍ମ ପ୍ରଚାର କରିବାକୁ ଯାଇ କେତେ ମିଶନାରି ଯେ ପ୍ରାଣ ଦେଇଛନ୍ତି ତାର ଇୟତ୍ତା ନାହିଁ । ଗତ ବର୍ଷ ଓପ୍ୟାକନର ବୋଲି ଜଣେ ମିଶନାରିଙ୍କୁ ଏଇ ଜଙ୍ଗଲୀମାନେ ଅତି ନୃଶଂସ ଭାବରେ ମାରି ପକାଇଥିଲେ । ମାଓରି ସ୍ତ୍ରୀ ଲୋକମାନେ

Digitized by srujanika@gmail.com

ତାଙ୍କ ଆଖି ଉପାଡ଼ ପକାଇଥିଲେ—ରକ୍ତ ଢ଼କ ଢ଼କ କରି ପିଇ ଦେଇଥିଲେ--ମୁଣ୍ଡର ଦନ୍ତ ଗୃଖି ଗୃଖି ଖାଇଥିଲେ । ଶେଷରେ ପୁରୁଷମାନେ ତାଙ୍କ ମାଂସ ଆନନ୍ଦରେ ଖାଇଥିଲେ ।

କ ବର୍ବର ଜଘନ୍ୟ ଲୋକ ଗୁଡ଼ାକ ! ଧନ୍ୟ ଏମାନଙ୍କ ଧର୍ମ ଓ ସଂସ୍କାର ! ଘୃଣାରେ ଲର୍ଡ଼ଙ୍କ ନାକ ମୁହଁ କୁଞ୍ଚିତ ହୋଇଗଲା ।

ଖାଲି ଧର୍ମ ନୁହେଁ – ମଣିଷ ମାଂସ ଖିଆ ବୋଧହୁଏ ପ୍ରଥମେ ଆରମ୍ଭ ହୁଏ କ୍ଷୁଧାରୁ । ପ୍ରଚଣ୍ଡ କ୍ଷୁଧା ଯୋଗୁଁ ଜଙ୍ଗଲୀମାନେ ଏଇ ପ୍ରବୃତ୍ତିରେ ଆସକ୍ତ ହୁଅନ୍ତି । କିନ୍ତୁ ମନେ କରିବେ ନାହିଁ; ଆଜ ଯେଉଁମାନେ ସଭ୍ୟ ବୋଲି ବୋଲାଉଚନ୍ତି, ସେମାନଙ୍କ ପୂର୍ବ ପୁରୁଷମାନଙ୍କର ଏଇ ମଣିଷ ମାଂସ ଖିଆ ଅଭ୍ୟାସ ଥିଲା । ଏପରି କି ଆପଣଙ୍କ ସ୍କଚ୍ ଜାତିରେ ଏହା ଚାଲୁଥିବାର ପ୍ରମାଣ ମିଳୁଛି । ଇଂରେଜମାନଙ୍କ ମଧ୍ୟରେ, ବେଶୀ ଦିନର କଥା ନୁହେଁ— ଏଲିଜାବେଥ୍‌ଙ୍କ ରାଜତ୍ୱ କାଳରେ, ସେକ୍ସପିଅର ଯେତେବେଳେ ସାଇଲକ୍ ଚରିତ୍ର ଲେଖିବାରେ ବ୍ୟସ୍ତ, ସେ ସମୟରେ ସନବିନ୍ ନାମକ ଜଣେ ଦସ୍ୟୁ ମଣିଷ ମାଂସ ଖାଇବା ଅପରାଧରେ ଧରା ହୋଇଥିଲା । କହନ୍ତୁ ତ, ଏହା କଣ ଧର୍ମ ନା ସଂସ୍କାର ପାଇଁ ? ନା, ଖାଲି କ୍ଷୁଧା !

କ୍ଷୁଧା ? ଜନ୍ ମ୍ୟାଙ୍ଗ୍‌ଲସ ବିସ୍ମିତ ହୋଇ ପଚାରିଲା ।

ହଁ, ସେଇଆ । ତା ଛଡ଼ା ମାଓରୀମାନେ ପୂର୍ବାପର ନିରାମିଷ ନୁହନ୍ତି—ସୁତରାଂ......

Digitized by srujanika@gmail.com

କାହିଁକି; ସେମାନେ ଅନ୍ୟ ଜନ୍ତୁ ମାଂସ ତ ଖାଇ ପାରନ୍ତେ ? ମେଘ କହିଲ ।

ଅନ୍ୟ ଜନ୍ତୁ କାହାନ୍ତି ? ଗୋରୁ ମେଣ୍ଢା ପ୍ରଭୃତି ଜନ୍ତୁ ଏ ଦେଶରେ ପ୍ରାପ୍ତ ନାହାନ୍ତି କହିଲେ ଚଳେ । ସୁତରାଂ ସେମାନେ ଖୁବ୍ ଆନନ୍ଦରେ ମଣିଷ ମାଂସ ଖାଆନ୍ତି । ଥରେ ଜଣେ ମିଶନାରୀ ଜଣେ ମାଉରୀ ସର୍ଦ୍ଦାରକୁ ଏକଥା ପଚାରିବାରୁ ସେ ଉତ୍ତର ଦେଇଥିଲା—ମଣିଷ ମଣିଷ ମାଂସ ଖାଇଲେ ଖରାପ କଣ ? ମାଛମାନେ ମାଛ ଖାଆନ୍ତି, କୁକୁର ମଣିଷ ଖାଏ, ମଣିଷ କୁକୁର ଖାଏ । ସେମାନଙ୍କ ଗୋଟିଏ ଧର୍ମ ଶାସ୍ତ୍ରରେ କୁଆଡ଼େ ଅଛି—ଜଣେ ଦେବତା ଆଉ ଜଣେ ଦେବତାକୁ ଖାଇଥିଲା । ତେଣୁ ସେମାନେ ମଣିଷ ମାଂସ ଖାଇବେ । ସେଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ଖାଲି ଯେ ସେମାନେ ଯୁଦ୍ଧବନ୍ଦୀମାନଙ୍କୁ ଖାଆନ୍ତି ତା ନୁହେଁ—ନିଜ ଆତ୍ମୀୟ ସ୍ୱଜନ ମଲେ ସେମାନେ ତାକୁ ଖାଇ ଦିଅନ୍ତି । ସେମାନଙ୍କର କୌଣସି ରଜା ବା ସର୍ଦ୍ଦାର ମରିଗଲେ ତାର ସ୍ତ୍ରୀକୁ ସହମରଣ ଯିବାକୁ ପଡ଼େ । ଚାକର ବାକରଙ୍କର ମଧ୍ୟ ସେଇ ଅବସ୍ଥା । କାରଣ ସେମାନଙ୍କର ବିଶ୍ୱାସ ପର କାଳରେ କିଏ ଆଉ ସେବା କରିବ ? ବର୍ତ୍ତମାନ ସେମାନେ ନୂଆ ପ୍ରକାରର ମାଂସ ପାଇଛନ୍ତି—ଧଳା ଚମଡ଼ା ଥିବା ଲୋକଙ୍କ ମାଂସ । ହୁଏତ ଏଇ ଧଳା ଚମଡ଼ା ମାଂସ ସେମାନଙ୍କୁ ଖୁବ୍ ମିଠା ଲାଗୁଛି ।

ସେମାନେ କଣ କଞ୍ଚା ମାଂସ ଖାଆନ୍ତି ?

Digitized by srujanika@gmail.com

କିଛି ଠିକ୍ ଠିକଣା ନାହିଁ । କେତେବେଳେ କଞ୍ଚା ମାଂସ ଅବଶ୍ୟ ଖାଆନ୍ତି, କିନ୍ତୁ ଅନେକ ସମୟରେ ସିଦ୍ଧ କରି ଖାଆନ୍ତି । ସେମାନେ କୁଆଡ଼େ ଭଲ ରାନ୍ଧି ପାରନ୍ତି ।

ଏହା ଶୁଣି ପ୍ରତ୍ୟେକଙ୍କର ଯେ କି ଅବସ୍ଥା ହେଲା ତାହା ଭାଷାରେ ଅବର୍ଣ୍ଣନୀୟ । ସ୍ତ୍ରୀ ଲୋକମାନେ କାନ୍ଦି ପକାଇଲେ । ବର୍ତ୍ତମାନ ଦୁଇଟି ବାଟ ହୁଏତ ସମୁଦ୍ରରେ ବୁଡ଼ି ମର—ନହେଲେ କୂଳକୁ ଯାଇ ଜଙ୍ଗଲୀମାନଙ୍କ ହାତରେ ପଡ଼ । ଏହାଛଡ଼ା ଆଉ କୌଣସି ବାଟ ନାହିଁ । ଏହା ଠାରୁ ଆହୁରି ବିପଦର ସମ୍ଭାବନା ଥିଲେ ବି ସେମାନଙ୍କୁ ନିଶ୍ଚୟ କୂଳରେ ଓହ୍ଲାଇବାକୁ ହୋଇଥାନ୍ତା । ଦେଖାଯାଉ, ଭାଗ୍ୟରେ କଣ ଅଛି ।

ଭେଳା ତ, ଡଙ୍ଗା ନୁହେଁ ଯେ ଶୀଘ୍ର ଶୀଘ୍ର ଚାଲିବ—ଭେଳା ଧୀରେ ଧୀରେ ଭାସି ଭାସି ଚାଲିଲା । ପ୍ରାୟ ଚାରିଘଣ୍ଟା ପରେ କୂଳରେ ପହଞ୍ଚିଲା । କୂଳଠାରୁ ଅଳ୍ପ ଦୂରରେ, ପାଣି ଉପରେ କଳା ହୋଇ କଣ ଗୋଟାଏ ଭାସୁଥିବାର ଦେଖାଗଲା । ପ୍ରଥମେ ମନେ ହେଲା ତିମିମାଛ । କିନ୍ତୁ ଦୂରବୀକ୍ଷଣ ଯନ୍ତ୍ର ଦେଇ ଦେଖିବାରୁ ଜଣା ପଡ଼ିଲା ଆଉ କିଛି ନୁହେଁ, ଗୋଟାଏ ଡଙ୍ଗା ଓଲଟି ପଡ଼ିଛି । ପାଖକୁ ଆସିବାରୁ ଜଣାଗଲା ତାହା ମାକୋପ୍ଲାଷ୍ଟ ଜାହାଜର ସେହି ଡଙ୍ଗା । ବୁଝିବାକୁ ବାକି ରହିଲାନି ଯେ, ଦୁର୍ଯୋଗ ରାତିରେ, ଅସମ୍ଭାଳ ସମୁଦ୍ରରେ ପଳାଇଯାଇ ସେଇ ବଦ୍‌ମାସ କ୍ୟାପଟେନ୍ ଉଇଲ୍‌ହାଲ ଓ ତାର ଲୋକେ ପ୍ରବାଳ ପାହାଡ଼ରେ ଧକ୍‌କା ଖାଇ ସଲିଳ ସମାଧି ଲାଭ କରିଛନ୍ତି । ଦୁଷ୍ଟ ଓ ଦୁଷ୍ଟବୁଦ୍ଧିର ପ୍ରାୟଶ୍ଚିତ୍ତ ହୋଇ ଯାଇଛି । ପାଣି କମ୍ ଥିବାରୁ କୂଳରୁ ଅଳ୍ପ ଦୂରରେ

Digitized by srujanika@gmail.com

ଭେଳା ରହିଗଲା । ସମସ୍ତେ ଓହ୍ଲାଇଲେ । ତା ପରେ ସ୍ତ୍ରୀ ଲୋକଙ୍କୁ କାନ୍ଧରେ ବୋହି କୂଳରେ ପହଞ୍ଚାଇ ଦିଆଗଲା । ଗୋଟିଏ ଗୋଟିଏ ଜିନିଷ ପତ୍ର ସବୁ ଓହ୍ଲାଗଲା ।

Digitized by srujanika@gmail.com

—ଛଅ—

ନେଭୀଗେଟର ହିସାବ କରି କହିଲେ, ଆମେ ବୋଧ ହୁଏ ଅଜଲ୍ୟାଣ୍ଡରୁ ୭୦।୮୦ ମାଇଲ୍ ଦୂରରେ ଅଛୁ। ଲର୍ଡ ଗ୍ଲେନାରଭ୍ୟାନ କହିଲେ, ଜଙ୍ଗଲ ଦେଇ ନ ଯାଇ କୂଳେ କୂଳେ ଚାଲି ଯିବା।

କିନ୍ତୁ ତାହା ସମ୍ଭବ ହେଲା ନାହିଁ। ଏଗାରଟା ସମୟରେ ପୁଣି ଆକାଶ ଘୋଡ଼ାଇ ଆସିଲା ମେଘ—ଆଉ ହୁ ହୁ କରି ମାଡ଼ି ଆସିଲା ଝଡ଼ ତୋଫାନ। ଝଡ଼ ସଙ୍ଗରେ ମୁଷଳ ଧାରରେ ବର୍ଷା। ବାଧ୍ୟ ହୋଇ ସେମାନଙ୍କୁ ଗୋଟାଏ ପାହାଡ଼ ଗୁହାରେ ଆଶ୍ରୟ ନେବାକୁ ପଡ଼ିଲା। ବର୍ଷା ଶୀଘ୍ର ଛାଡ଼ିଯିବ ବୋଲି ମନେ ହେଲାନି। ସୁତରାଂ ଆଜି ଦିନଟି ମାଟି ହେଲା—ରାତିରେ ଚାଲିବା ସମ୍ଭବ ନୁହେଁ, ନିରାପଦ ବି ନୁହେଁ। ଅର୍ଥାତ୍ କାଲି ସକାଳ ଆଗରୁ ଯାତ୍ରା ଆରମ୍ଭ ହେବା ସମ୍ଭବ ନୁହେଁ। ସୁତରାଂ ପୂର୍ଷାଶା ଆଲ୍‌ବେନେଟ୍ ଖାଇବା ପିଇବାର ବନ୍ଦୋବସ୍ତ କରିବାରେ ଲାଗିଗଲା। ବଢ଼ଣାପଜ ବାହୁଇ ଗପିଟା କଟାଇବାର ଚେଷ୍ଟା ଚାଲିଲା।

Digitized by srujanika@gmail.com

ଭବିଷ୍ୟତ ସମ୍ବନ୍ଧରେ ବି ଆଲୋଚନା ହେବାକୁ ଲାଗିଲା ।

ଭୌଗଳିକ ଫ୍ୟାଗାନେଲ ସର୍ବଜ୍ଞ । ଏହି ସ୍ଥାନର ଇତିହାସ ତାର ମୁଖସ୍ଥ । ତ'ଠାରୁ ଜଣାଗଲା, ୧୬୪୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନିଉଜିଲାଣ୍ଡବାସୀମାନେ ଥିଲେ ସ୍ୱାଧୀନ । କୌଣସି ଇଉରୋପୀୟ ଶକ୍ତି ଏଠାରେ ଆସି ସେତେବେଳେ ଉପନିବେଶ ସ୍ଥାପନ କରିବାର ସ୍ୱପ୍ନ ଦେଖିନ । ତା' ପରେ ଆସିଲେ ଇଂରେଜମାନେ । ମିଶନାରୀମାନେ ଅବଶ୍ୟ ପୂର୍ବରୁ ଆସିଥିଲେ । ସେମାନଙ୍କ ସାହାଯ୍ୟରେ ଇଂରେଜମାନେ ଏ ଦେଶର ଅନେକ ସର୍ଦ୍ଦାରଙ୍କୁ ନିମନ୍ତ୍ରଣ କରି ପ୍ରସ୍ତାବ ଦେଲେ ବଶ୍ୟତା ସ୍ୱୀକାର କରିଦିବା ପାଇଁ । ସେମାନେ ଯଦି ମହାରାଣୀ ଭିକ୍ଟୋରିଆଙ୍କ ପ୍ରଜା ହୁଅନ୍ତି, ତା ହେଲେ ମହାରାଣୀ ସେମାନଙ୍କର ରକ୍ଷଣାବେକ୍ଷଣର ଭାର ଆନନ୍ଦର ସହିତ ଗ୍ରହଣ କରିବେ ଏବଂ ଏଥିପାଇଁ ସେ ଗୋଟିଏ ଜାହାଜ, ସୈନ୍ୟ ଓ ଗୁଳି ଗୁଳା ପ୍ରଭୃତି ପଠାଇଛନ୍ତି । ଏ ପ୍ରସ୍ତାବରେ ଦାସତ୍ୱର ଇଙ୍ଗିତ ପାଇ ପ୍ରଥମେ କେହି ରାଜି ହେଲେ ନାହିଁ । କିନ୍ତୁ ଲାଞ୍ଚ ଓ ଉପହାର ପ୍ରଲୋଭନରେ ପଡ଼ି ଅଳ୍ପ କେତେଜଣ ସର୍ଦ୍ଦାର ବଶତା ସ୍ୱୀକାର କରିଗଲେ ।

ସେଇଠୁ ଆରମ୍ଭ ହେଲା ଲଢ଼େଇ । ଜଙ୍ଗଲୀ ଲୋକଙ୍କ ମଧ୍ୟରୁ ଅନେକ ବ୍ୟସ୍ତ ରହିଲେ ସ୍ୱାଧୀନତା ଲଢ଼େଇରେ । ଇଂରେଜମାନେ ଉତ୍ତର ଅଞ୍ଚଳରୁ କିଛି ଅଂଶ ଦଖଲ କରି ଶାସନ ଆରମ୍ଭ କଲେ—ଆଉ ସେଠାରୁ ଦକ୍ଷିଣ ଆଡ଼କୁ ସୈନ୍ୟ ପଠାଇ ମଝିରେ ମଝିରେ ଲଢ଼େଇ କରିବାକୁ ଲାଗିଲେ ।

କିନ୍ତୁ ଲଢ଼େଇରେ ସେମାନେ ବଡ଼ ଧରଣର ଜିତାପଟ ହାସଲ କରି ପାରିଲେ ନାହିଁ । ଆଦିବାସୀମାନେ ନିପୁଣ ଯୋଦ୍ଧା—

Digitized by srujanika@gmail.com

ଲମ୍ବାରେ ପ୍ରାୟ ଛ ଫୁଟ, ସାଢ଼େ ଛଅ ଫୁଟ—ସେହିପରି ବଳିଷ୍ଠ ଓ ଶକ୍ତିଶାଳୀ । ସେମାନଙ୍କ ସଙ୍ଗେ ଲଢ଼େଇ କରି ଜିଣିବା ସହଜ କଥା ନୁହେଁ । ପୁଣି ବିଦ୍ରୋହୀମାନଙ୍କ ନେତା ହେଉଛନ୍ତି ଇଇଲିୟମ ଟମ୍‌ସନ ନାମକ ଜଣେ ଚତୁର ଓ କ୍ଷମତାଶାଳୀ ବ୍ୟକ୍ତି ।

ପୋଷ୍ଟାର୍ଡ ବୋଲି ଜଣେ ରାଜା ଥିଲେ । ତାଙ୍କର ସୁଯୋଗ୍ୟ ଓ ବିଚକ୍ଷଣ ମନ୍ତ୍ରୀ ଥିଲି ଏଇ ଉଇଲିୟମ ଟମ୍‌ସନ । ଜଙ୍ଗଲୀ ଖ୍ରୀଷ୍ଟିୟାନ । ତା ନେତୃତ୍ୱରେ ପ୍ରାୟ ୭୫ ହଜାର ଜଙ୍ଗଲୀଙ୍କ ମଧ୍ୟରୁ ତିରିଶ ହଜାର ସୁନିପୁଣ ଯୋଦ୍ଧା ଇଂରେଜ ସରକାରଙ୍କୁ ବ୍ୟତିବ୍ୟସ୍ତ କରି ପକାଇଲେ ।

ବିଦ୍ରୋହୀ ମାଓରିମାନେ ଟାରନାକି ନାମକ ପାର୍ବତ୍ୟ ଅଞ୍ଚଳରେ ମଜ୍‌ଭୁତ୍ ଦୁର୍ଗ କରି ରହିଛନ୍ତି । ଏଇ ଅଞ୍ଚଳ ପାର୍ବତ୍ୟ ସଂକୁଳ—ବନ ଅରଣ୍ୟପୂର୍ଣ୍ଣ । ଲଢେଇ ହୁଏ ସ୍ଥାନେ ସ୍ଥାନେ । ସବୁଠାରୁ ଦୁଃଖର କଥା ଯେ ଆମେ ଏଇ ଟାରନାକି ଅଞ୍ଚଳରେ ଓହ୍ଲାଇଛେ ।

ତା ହେଲେ ଉପାୟ ? ମୂଳଗଣ୍ଡ ପରିଶିଳ ।

ଉପାୟ ଭଗବାନଙ୍କ ହାତରେ । ଭାଗ୍ୟ ଭଲ ଥିଲେ ବିଦ୍ରୋହୀ-ମାନଙ୍କୁ ଏଡ଼ାଇ ଯାଇ ହେବ ।

ଏପରି ଭାବରେ ଆମକୁ ଯିବାକୁ ହେବ, ଯେପରି ଶୀଘ୍ର ଇଂରେଜ ସୈନଙ୍କ ନିକଟରେ ପହଞ୍ଚି ପାରିବା ।

Digitized by srujanika@gmail.com

ସେ ଆଶା ପ୍ରାପ୍ତ ନାହିଁ । କାରଣ ଏ ଅଞ୍ଚଳକୁ ଇଂରେଜ ସୈନ୍ୟମାନେ ଆସିବାକୁ ସାହସ କରନ୍ତି ନାହିଁ । ଅକ୍‌ଲ୍ୟାଣ୍ଡ ଆଖପାଖରେ ହୁଏତ ସେମାନଙ୍କ ଦେଖା ମିଳିପାରେ । ତାହା ଆଗରୁ ନୁହେଁ । ପ୍ୟାଗାନେଲ କହିଲା ।

ତା' ହେଲେ ଆମେ ଉତ୍ତର ଦିଗରେ ସମୁଦ୍ର କୂଳେ କୂଳେ ଆଗେଇବା — ଲର୍ଡ କହିଲେ ।

ସେଇଆ ତ କରିବାକୁ ହେବ । କିନ୍ତୁ ସବୁବେଳେ ସମୁଦ୍ର କୂଳ ଧରି ଯିବା ହୁଏତ ସମ୍ଭବ ହେବନି । କାରଣ ହେଲା, ଛୋଟ ଛୋଟ ଅସଂଖ୍ୟ ପର୍ବତରେ ସମୁଦ୍ର କୂଳ ଅଗମ୍ୟ ହୋଇ ରହିଛି । ସେଇ ସବୁ ସ୍ଥାନରେ ବଣ ମଧ୍ୟ ଦେଇ ଯିବା ଛଡ଼ା ଅନ୍ୟ ଉପାୟ ନାହିଁ । ଶେଷରେ ଠିକ୍ ହେଲା ଦୈନିକ ଦଶମାଇଲ କରି ଚାଲି ଆଠ, ନଅ ଦିନରେ ଅକ୍‌ଲ୍ୟାଣ୍ଡରେ ପହଞ୍ଚିବାକୁ ହେବ ।

ରାତି ଅଧରେ ବର୍ଷା ବନ୍ଦ ହୋଇଗଲା ।

ସକାଳେ ଉଠି ସେମାନେ ଚାଲିବାକୁ ଆରମ୍ଭ କଲେ । ଜନ୍ ମ୍ୟାଙ୍ଗ୍‌ଲସ ଓ ଭୌଗଳିକ ଆଗେ ଆଗେ— ମଝିରେ ସ୍ତ୍ରୀ ଲୋକମାନେ ଓ ଶେଷରେ ମେଜର ।

ବାଲିରେ ଯେତେ ସମୟ ଚାଲିଲେ, ମନ୍ଦ ନୁହେଁ । କିନ୍ତୁ ବଣରେ ପହଞ୍ଚିବା ମାତ୍ରେ କଷ୍ଟର ସୀମା ରହିଲା ନାହିଁ । କେଉଁ-ଠାରେ ଅବଶ୍ୟ କୌଣସି ମଣିଷର ଚଳ ପ୍ରଚଳ ହେବାର ଚିହ୍ନ ମିଳିଲା ନାହିଁ । କିନ୍ତୁ ଯେ କୌଣସି ମୁହୂର୍ତ୍ତରେ ସଶସ୍ତ୍ର ମାଓରୀ ବାହାରି ଆସିବେ – ଏଇ ଭୟରେ ସମସ୍ତେ ସନ୍ତ୍ରସ୍ତ ହୋଇ

Digitized by srujanika@gmail.com

ଚାଲିବାକୁ ଲାଗିଲେ । ପ୍ରାୟ ପ୍ରତ୍ୟେକଙ୍କ ହାତରେ ରିଭଲଭର । କେଉଁଠି ଟିକ୍ ଟାସ୍ ଶବ୍ଦ ହେଲେ ଚମକି ଉଠନ୍ତି ସେମାନେ ଠିଆ ହୁଅନ୍ତି—କାନପାତି ଶୁଣନ୍ତି—ପୁଣି ଚାଲନ୍ତି । ଚଲା ବାଟ ଛାଡ଼ି ଦୁର୍ଗମ ବାଟ ଧରିଲେ ଆହୁରି କଷ୍ଟ । ଏଇ ଜଙ୍ଗଲରେ ସୂର୍ଯ୍ୟକିରଣ ପଡ଼େ ନାହିଁ । କଣ୍ଟା ବାଜି ଦେହ ଲହୁଲୁହାଣ ହେଲା । ତେବେ ବି ଚାଲିବାକୁ ହେବ—ଅଟକିଲେ ଚଳିବ ନାହିଁ ।

କେତେବେଳେ ବାଲିମୟ ସମୁଦ୍ର କୂଳ, କେତେବେଳେ ରୁକ୍ଷ ପାହାଡ଼ ବାଟ—କେତେବେଳେ ଗହନ ବଣ—କେତେବେଳେ ବିଚିତ୍ର ଫୁଲରେ ଭରା ବୁଦୁବୁଦୁକିଆ ଜଙ୍ଗଲ । କେତେ ଫୁଲ ଫଳ—କେତେ ଅଜଣା ଗଛ ପତ୍ର—କେତେ ଅଦ୍ଭୁତ ପକ୍ଷୀ ।

ବାଟରେ ଥରେ କେତେ ଗୁଡ଼ାଏ ସାମୁଦ୍ରିକ ଶଙ୍ଖୁଡ଼ି ମାଛ ଧରି ଭଜା କରି ଖାଇଲେ ସେମାନେ । ଝରଣାରୁ ପାଣି ପିଇଲେ ।

ପୁଣି ଚାଲିବାକୁ ଲାଗିଲେ ।

ରାତି ହେଲେ କୌଣସି ଗୋଟାଏ ସ୍ଥାନ ବାଛି ନେଇ କେତେଜଣ ପହରା ଦିଅନ୍ତି—ଅନ୍ୟମାନେ ଶୁଅନ୍ତି । ପୁଣି ସକାଳ ହେଲେ ଚାଲିବା ଆରମ୍ଭ ହୁଏ ।

ଏହିପରି ଦିନ ପରେ ଦିନ ବିତିବାକୁ ଲାଗିଲା ।

ଗୋଟାଏ ଦୁଇଟା ସ୍ଥାନରେ ମାଟି ଭାରି ଗରମ ମନେ ହେଲା । କୌଣସି କୌଣସି ସ୍ଥାନରେ ଉଷ୍ଣ ପ୍ରସ୍ରବଣ ବାହାରୁଛି । ଟକମକ ଫୁଟନ୍ତା ପାଣି ବାହାରୁଛି ମାଟିତଳୁ । ଆଉ କି ବିକଟ ସେଇ

ଗଳ୍ପକର ଗଳ୍ପ ! ଏ ଦେଶଟା - ହେଉଛି ଆଗ୍ନେୟଗିରିର ଦେଶ । ଏଠାରେ ପ୍ରାୟ ପ୍ରତ୍ୟେକ ପାହାଡ଼ ଗୋଟାଏ ଗୋଟାଏ ଘୁମନ୍ତ ଆଗ୍ନେୟଗିରି । କୌଣସି କୌଣସି ପାହାଡ଼ରୁ ଧୂଆଁ ଓ ଲାଭା-ସ୍ରୋତ ବି ବାହାରୁଥାଏ ।

ସମୁଦ୍ର କୂଳରେ, ଗୋଟାଏ ଜାଗାରେ ସେମାନେ ଦେଖିଲେ କେତେ ଗୁଡ଼ାଏ ସିଲ୍ ମାଛ ଶୋଇ ଶୋଇ ଖରା ଖାଉଛନ୍ତି । ବିରାଟ ଚେହେରା ସେମାନଙ୍କର—ଲମ୍ବ ପ୍ରାୟ ତିରିଶ ଫୁଟ ହେବ ।

ଦେଖିଲଣି ସେମାନେ କିପରି ଗୋଡ଼ି ପଥର ଖାଉଛନ୍ତି ? ରବର୍ଟ ଚିତ୍କାର କରି ଉଠିଲା ଅବାକ୍ ହୋଇ ।

ଭୋକ ଯୋଗୁଁ ସେମାନେ ଖାଉ ନାହାନ୍ତି, ଭୌଗଳିକ କହିଲା, ସେ' ଗୁଡ଼ାକ ଖାଉଛନ୍ତି ଓଜନ ବଢ଼ାଇବା ପାଇଁ । ପାଣି ତଳକୁ ବୁଡ଼ିବାକୁ ସୁବିଧା ହୁଏ ଗୋଡ଼ି ଖାଇଲେ ଓଜନ ବଢ଼େ—ଆଉ ଝଟ କରି ବୁଡ଼ି ହୁଏ । ଭାସି ଉଠିବା ଦରକାରୁ ପୁଣି ଏଇ ଗୋଡ଼ି ଗୁଡ଼ାକ ତଳେ ବାନ୍ତି କରି ଦିଅନ୍ତି । ତା' ପରେ ଉପରକୁ ଉଠନ୍ତି ।

ପୂରଦମ୍‌ରେ ସେମାନେ ଚାଲିବାକୁ ଲାଗିଲେ । ଏଥର ଆଗରେ ପଡ଼ିଲା ଗୋଟାଏ ବଡ଼ ନଈ । ନାଁ ଓ୍ୱାଇପା । ଭୌଗଳିକ ପ୍ୟାଗାନେଲ ମାନଚିତ୍ର ବାହାର କରି ଦେଖିଲା ଯେ ଏଇ ନଈ-ଯେଉଁଠି ଯାଇ ଓ୍ୱେଇକାଟୋ ନାମକ ଆଉ ଗୋଟିଏ ନଈରେ ମିଶିଛି—ସେଠାରୁ ଅକ୍‌ଲାଣ୍ଡ୍ ବେଶୀ ଦୂର ନୁହେଁ । ସେଇ ସଙ୍ଗମ ସ୍ଥାନରେ ପହଞ୍ଚିଗଲେ ପ୍ରାୟ ତିନି ଭାଗ ବାଟ କଟିଯିବ ।

Digitized by srujanika@gmail.com

କ୍ରମେ କ୍ରମେ ଚାଲିବାର କଷ୍ଟ କିଛି କମିଗଲା । କେତେ ବାଟ ଯାଇ ଟିକିଏ ବିଶ୍ରାମ ନିଅନ୍ତି । ନଈ ପାଣିରେ ଗାଧୁଆ ପାଧୁଆ ସାରି, ଫଳ ଖାଇ ପୁଣି ଚାଲିବା ଆରମ୍ଭ କରନ୍ତି ।

ଲର୍ଡ଼ ଗ୍ଲେନାରଭ୍ୟାନ କହିଲେ, ଭାଗ୍ୟ ଭଲ, ଜଙ୍ଗଲି ମାଓରି ମହାପ୍ରଭୁମାନଙ୍କ ସଙ୍ଗେ ବୋଧହୁଏ ଆଉ ଦେଖା ହେବନି ।

ମୋର ମଧ୍ୟ ସେଇୟା ମନେ ହେଉଛି, ମେଜର କହିଲେ । ଦୁଇ ଶହ ମାଇଲ ମଧ୍ୟରେ ବୋଧହୁଏ ଏଠାରେ କୌଣସି ଲୋକ ବସତି ନାହିଁ । ଭଲରେ ଭଲରେ ଅକ୍‌ଲାଣ୍ଡରେ ପହଞ୍ଚି ପାରିଲେ ଯାଇ ରକ୍ଷା ।

ସମସ୍ତଙ୍କ ମନରେ ଶାନ୍ତି ଫେରି ଆସିଲା । ମାଓରି ଭୟ ଆଉ ରହିଲାନି । ନରମାଂସାଶୀଙ୍କ କବଳରେ ବୋଧହୁଏ ଆଉ ପଡ଼ିବାକୁ ହେବନି ।

ସନ୍ଧ୍ୟା ହୋଇ ଆସିଲା । ଗୋଟାଏ ଜାଗା ବାଛି ନେଇ ରାତି ପାଇଁ ସମସ୍ତେ ଶୋଇ ପଡ଼ିଲେ । ଅଳ୍ପ ସମୟ ପରେ ଗଭୀର ନିଦରେ ସମସ୍ତେ ଶୋଇ ପଡ଼ିଲେ ।

Digitized by srujanika@gmail.com

୯ ଈ—

ତା’ ଆରଦିନ ସକାଳ ।

ଓପ୍ପେଇକାଠୁ ନଦୀ କୂଳର ଘନ କୁହୁଡ଼ି ସକାଳ ସୂର୍ଯ୍ୟର କିରଣରେ ଧୀରେ ଧୀରେ ମିଳାଇ ଯାଉଥିଲା । ଧୀରେ ଧୀରେ ପବନ ବହୁଛି ।

କୁହୁଡ଼ି କଟିଯିବାରୁ ଦେଖାଗଲା, ନଈରେ ଗୋଟାଏ ନୌକା ଯାଉଛି— ଲମ୍ବ ପ୍ରାୟ ପଚାଶ ଫୁଟ, ଚଉଡ଼ା ପାଞ୍ଚ ଫୁଟ । ଚର ଚର ହୋଇ ଖୁବ୍ ଜୋରରେ କାତ ମାରି ବାହି ଚାଲିଛନ୍ତି ଆଠ ନ ଜଣ ଜଙ୍ଗଲୀ । ମଙ୍ଗ ଧରି ବସିଛି ଜଣେ ଭୀଷଣ ଆକୃତିର ମଣିଷ । ତାର ପୋଷାକ ପରିଚ୍ଛଦ— କାନରେ କାଠର ଗହଣା, ଗଳାରେ ପଥରର ମାଳା, କପାଳରେ ଲମ୍ବା ଲମ୍ବା ଶୁଖିଲା କ୍ଷତ ଚିହ୍ନ ଓ ଚୂଳଆଡ଼େ ବିଚିତ୍ରତା ଦେଖି ବୁଝାଗଲା ସେ ଜଣେ ସର୍ଦ୍ଦାର । ଲୋକଟା ଯେପରି ବଳିଷ୍ଠ, ସେହିପରି ଶକ୍ତିଶାଳୀ । ନିଜେ ମଙ୍ଗ ଧରି ବସିଛି— ତେଣୁ ଅନୁମାନ ଲୋକଟା ବୋଧହୁଏ ଜଣେ ଜଙ୍ଗଲୀ

Digitized by srujanika@gmail.com

ସର୍ଦ୍ଦାର ହେବ । ବାଁ ପାଖରେ ପଡ଼ିଛି ଗୋଟିଏ ବନ୍ଧୁକ । ଅଣ୍ଟାରେ ରହିଛି ଏକ ଦାଉଆ କଟୁରି । ତା' ଆଗରେ ଦଶ ଜଣ ଭୀମକାୟ ସୈନ୍ୟ ବସିଛନ୍ତି । ସେମାନଙ୍କ ଦେହରେ ନାନା ସ୍ଥାନରେ କ୍ଷତ, ଲତାପତ୍ର ଦେଇ ବନ୍ଧା ହୋଇଛି । କାଠ କଣ୍ଢେଇ ପରି ବସିଛନ୍ତି ସେମାନେ । ସର୍ଦ୍ଦାରର ଗୋଡ ପାଖରେ ଡିନୋଟି ହିଂସ୍ର କୁକୁର ମୁହଁ ଗୁଞ୍ଜି ଶୋଇଛନ୍ତି । ଯେଉଁମାନେ କାତ ମାରୁଛନ୍ତି ସେମାନେ ନିଶ୍ଚୟ ସର୍ଦ୍ଦାରର ଚାକର । ଆଉ ନୌକାର ଠିକ୍ ମଝିରେ ବସିଛନ୍ତି ଇଉରୋପୀୟ ବନ୍ଦୀମାନେ । ସମସ୍ତଙ୍କ ପାଦ ଲତାପତ୍ର ଦ୍ୱାରା ବନ୍ଧା ହୋଇଛି ।

ଏଇ ବନ୍ଦୀମାନେ ହେଲେ ଆମର ପୂର୍ବ ପରିଚିତ ଲର୍ଡ ଗ୍ଲେନାରଭ୍ୟାନ ଓ ତାଙ୍କ ସ୍ତ୍ରୀ ଲେଡ଼ି ହେଲେନା, ମେରି, ରବର୍ଟ, ପ୍ୟାଗାନେଲ, ଜନ୍‌ମ୍ୟାଙ୍ଗ୍‌ଲସ, ମେଜର, ଆଲବନେଟ ଓ ଆଉ କେତେଜଣ ନାବିକ ।

ଅଦୃଷ୍ଟର ପରିହାସ ବୁଝିହେଉ ଆଉ କଣ ? ରାତିରେ ଯେତେବେଳେ ସେମାନେ ଭାବୁଥିଲେ ଯେ ଆଉ ମାଉରିମାନଙ୍କ ଭୟ ନାହିଁ ଏବଂ ନିଶ୍ଚିନ୍ତରେ ସମସ୍ତେ ଶୋଇ ପଡ଼ିଥିଲେ, ଠିକ୍ ସେଇ ସମୟରେ ଜଙ୍ଗଲୀମାନେ ଆସି ସେମାନଙ୍କୁ ବନ୍ଦୀ କରି ପକାଇଲେ । ଅନ୍ଧାରରେ ସେମାନେ ଜାଣିପାରି ନଥିଲେ ଯେ ଯେଉଁଠାରେ ସେମାନେ ରହିବେ ବୋଲି ଠିକ୍ କରିଛନ୍ତି – ତାରି ପାଖରେ ପଡ଼ିଛି ଏଇ ମାଉରିମାନଙ୍କର ସାମରିକ ଛାଉଣୀ ।

ଜଙ୍ଗଲୀମାନେ କୌଣସି ପ୍ରକାର ଖରାପ ବ୍ୟବହାର କରି ନାହାନ୍ତି । କେବଳ ନୌକାକୁ ଆଣି ଯାହା ପାଦ ବାନ୍ଧି

ଦେଉଛନ୍ତି । ତା' ପରେ ଆରମ୍ଭ ହେଲା ଅଜଣା ସ୍ଥାନକୁ ଯାତ୍ରା । ଅତି ଦୁଃଖରେ ସମସ୍ତେ ଯେପରି ପଥର ପାଲଟି ଯାଉଛନ୍ତି । ବନ୍ଧୁକ, ରିଭଲଭର ସବୁ ଆଗରୁ କାଢ଼ି ନେଇଥିଲେ ସେମାନେ । ସୁତରାଂ ନିରସ୍ତ୍ର ଓ ଅସହାୟ ହୋଇ ନିଜକୁ ଭବିଷ୍ୟତ ହାତରେ ଛାଡ଼ି ଦେଇ ଚୁପ୍‌ଚାପ ବସିଛନ୍ତି ସମସ୍ତେ ।

ସେମାନଙ୍କ ଜଙ୍ଗଲି ଭାଷାର କଥାବାର୍ତ୍ତାରେ କିଛି କିଛି ଇଂରାଜୀ ଶବ୍ଦ ଥିଲା । ସେଥିରୁ ଜଣାଗଲା ଯେ ମାଉସ୍ତ ସର୍ଦ୍ଦାର ଦଳବଳ ନେଇ ଇଂରେଜମାନଙ୍କ ସଙ୍ଗେ ଯୁଦ୍ଧ କରିବାକୁ ଯାଇଥିଲା । ବେଶ୍ ଜଖମ୍ ଓ ପରାଜିତ ହୋଇ ଫେରି ଯାଉଛି ଦଳକୁ—ପୁଣି ସୈନ୍ୟ ଯୋଗାଡ଼ କରି ଫେରିବ ଉଇଲିୟମ ଟମ୍‌ସନ୍‌ଙ୍କ ନେତୃତ୍ୱରେ ଚାଲିଥିବା ଯୁଦ୍ଧକୁ ।

ଏଇ ସର୍ଦ୍ଦାରର ନାମ ହେଉଛି କେ-କଉ-ମଉ—ଯାହାର ଜଙ୍ଗଲି ମାନେ ହେଉଛି, "ଯିଏ ଶତ୍ରୁମାନଙ୍କ ଠେଙ୍ଗା ଖାଇବାକୁ ଭଲପାଏ ।" ଲୋକଟା ଖାଲି ବଳୁଆ ନୁହେଁ, ଖୁବ୍ ହିଂସ୍ର ଓ ନିଷ୍ଠୁର ସ୍ୱଭାବର । ତା'ଠି ଦୟାମାୟା ବୋଲି କିଛି ଜିନିଷ ନାହିଁ । ଇଂରେଜ ସୈନ୍ୟମାନେ ବି ତା ନାଁ ଶୁଣି ଭୟରେ କମ୍ପି ଉଠନ୍ତି । ଯିଏ ଏଇ ରାକ୍ଷସ ସର୍ଦ୍ଦାରର ମୁଣ୍ଡ କାଟି ଆଣି ପାରିବ ତାକୁ ପୁରସ୍କାର ଦିଆଯିବ ବୋଲି ନିଉଜିଲ୍ୟାଣ୍ଡର ଗଭର୍ଣ୍ଣର ଘୋଷଣା କରିଛନ୍ତି ।

'ମୃତ୍ୟୁ ନିର୍ଦ୍ଧାର୍ଯ୍ୟ । ଇଂରେଜମାନେ ବନ୍ଦୀ ହୋଇ ଭାବୁଥିଲେ ଆଉ ଭାବି ଭାବି ଶିହରି ଉଠୁଥିଲେ—ଉଃ କି ଭୀଷଣ ମୃତ୍ୟୁ ନ ହେବ ଏଇ ନିଷ୍ଠୁର ହିଂସ୍ର ନରମାଂସାଶୀ ସର୍ଦ୍ଦାର ହାତରେ ! ଜୀଅନ୍ତା ଧରି ହୁଏତ କାମୁଡ଼ି କାମୁଡ଼ି ଖାଇବ ସେମାନଙ୍କୁ । ଭିତରେ

Digitized by srujanika@gmail.com

ଭିତରେ ଭୟ ପାଇଲେ ବି ବାହାରେ କିନ୍ତୁ ନିର୍ଲିପ୍ତ ଭାବ ରଖି ଥାଆନ୍ତି ସେମାନେ । ଶେଷରେ ଲର୍ଡ଼ ଗ୍ଲେନାରଭ୍ୟାନ ସର୍ଦ୍ଦାରକୁ ଲକ୍ଷ୍ୟ କରି ଶାନ୍ତ ଭାବରେ ପଚାରିଲେ, ଆମକୁ କୁଆଡ଼େ ନେଇ ଯାଉଛ ସର୍ଦ୍ଦାର ?

କୈ-କଉ-ମଉ କଟ ମଟ କରି ଚାହିଁଲା । କିନ୍ତୁ କୌଣସି ଉତ୍ତର ଦେଲା ନାହିଁ ।

ଆମକୁ ନେଇ କଣ କରିବ ତୁମେ ? ପୁଣି ଲର୍ଡ଼ ପଚାରିଲେ ।

କ୍ରୁଦ୍ଧ ଦୃଷ୍ଟିରେ ଚାହିଁ ସର୍ଦ୍ଦାର କହିଲା, ତୁମ ଜାତି ଭାଇମାନେ ଯଦି ବନ୍ଦୀ ବଦଳ କରିବାକୁ ଚାହାନ୍ତି ତେବେ ତୁମ-ମାନଙ୍କୁ ଫେରାଇ ଦେବି । ଆଉ ସେମାନେ ଯଦି ରାଜି ନ ହୁଅନ୍ତି ତମକୁ ସବୁ ଗୋଟି ଗୋଟି କରି ମାରିବି ।

ଆଉ କିଛି ପଚାରିବାକୁ ଇଚ୍ଛା ହେଲା ନାହିଁ ଲର୍ଡ଼ ଗ୍ଲେନାର-ଭ୍ୟାନଙ୍କର । ଜଣାଗଲା ଅନେକ ମାଓରୀ ସର୍ଦ୍ଦାର ଇଂରେଜମାନଙ୍କ ହାତରେ ବନ୍ଦୀ ହୋଇଛନ୍ତି । ସେମାନଙ୍କ ସଙ୍ଗେହିଁ ସେମାନେ ବନ୍ଦୀ ବଦଳ କରିବାକୁ ଚାହାନ୍ତି ।

ଓୟେଇକାଟୁ ନଈ ହେଉଛି ସେମାନଙ୍କ ପକ୍ଷରେ ଗର୍ବର ଚିହ୍ନ । କାରଣ ଏ ପାଖକୁ ଏ ପର୍ଯ୍ୟନ୍ତ କୌଣସି ବିଦେଶୀ ଆଗେଇବାକୁ ସାହସ କରିନି । ଏହିଠାରେ ରହି ମାଓରୀମାନେ ଯୁଦ୍ଧ ଚଳାଉଛନ୍ତି ।

କିନ୍ତୁ ସର୍ଦ୍ଦାର କୁଆଡ଼େ ନେଇ ଚାଲିଛି ସେମାନଙ୍କୁ ? ମାଓରୀ-ମାନଙ୍କ କଥାବାର୍ତ୍ତାରେ ପ୍ରାୟ 'ଟାଉପୋ' ଶବ୍ଦଟା ଶୁଣା ଯାଉଥିଲା ।

Digitized by srujanika@gmail.com

ଭୌଗୋଳିକ ମାନଚିତ୍ର ଖୋଲି ଦେଖିଲି ତାହା ପ୍ରାୟ ୧୦୦ ମାଇଲ ଦୂରର ଗୋଟାଏ ବନ୍ଦର ହୁଦର ନାଁ । ଜଣା ପଡ଼ିଲା ସେ ସେଇଠାକୁ ହୁଏତ ସେମାନଙ୍କୁ ନେଇଯାଉଛି ।

ଦିନସାରା ଡଙ୍ଗା ଚାଲିଲା । ସନ୍ଧ୍ୟାରେ ଗୋଟାଏ ସ୍ଥାନରେ ସମସ୍ତେ ଓହ୍ଲାଇଲେ । ବନ୍ଦୀମାନଙ୍କୁ ମାଓରୀ ସୈନ୍ୟମାନେ ନେଇଯାଇ ଗୋଟାଏ ଜାଗାରେ ବସାଇ ତା ଚାରିପାଖରେ ନିଆଁ ଜାଳିଲେ । ଆଉ କଡ଼ା ପହରା ଦେବାକୁ ଲାଗିଲେ । ସର୍ଦ୍ଦାରକୁ ଗୋଟାଏ ଗୁଡ଼ିଶା କରିଦେଲେ ।

ପରଦିନ ସକାଳେ ପୁଣି ଯାତ୍ରା ଆରମ୍ଭ ହେଲା । ସେମାନଙ୍କୁ ସେଦିନ ରାତିରେ ପୋଡ଼ା ମାଂସ ଖାଇବାକୁ ଦିଆ ହୋଇଥିଲା କିନ୍ତୁ ସେମାନେ ତାହା ଛୁଇଁଲେ ନାହିଁ । କିଏ ଜାଣେ ତାହା ମଣିଷ ମାଂସ କି ନୁହେଁ ?

ଦ୍ୱିତୀୟ ଦିନ ରାତିରେ ଆଉ ଗୋଟାଏ ଡଙ୍ଗା ଆସି ଯୋଗ-ଦେଲା ସେମାନଙ୍କ ସଙ୍ଗେ । ସେଥିରେ ବି ରହିଥାଆନ୍ତି କେତେଗୁଡ଼ାଏ ଆହତ ମାଓରୀ ଆଉ ଜଣେ ସର୍ଦ୍ଦାର । ସେଇ ଡଙ୍ଗାର ସର୍ଦ୍ଦାର ଆସି କୈ-କଉ ମଉର ନାକ ସଙ୍ଗେ ନାକ ଘଷି ଅଭିବାଦନ ଜଣାଇଲା । ତା ପରେ ସେମାନଙ୍କୁ କିଛି ଫଳମୂଳ ଖାଇବାକୁ ଦିଆ-ଗଲା । ସମସ୍ତେ ଖାଇପିଇ ଶୋଇ ପଡ଼ିଲେ ।

ତା' ପରେ ଆହୁରି କେତୋଟି ଡଙ୍ଗା ଆସି ଯୋଗଦେଲା । ସବୁ ଡଙ୍ଗା ଆହତ ସୈନ୍ୟରେ ଭର୍ତ୍ତି ହୋଇଥାଏ । ନଈରେ ଚାଲୁ-ଥିବାବେଳେ ମନେ ହେଉଥାଏ ଯେପରି ବିରାଟ ଏକ 'ନୌବାହିନୀ' ଚାଲିଛି ।

Digitized by srujanika@gmail.com

ମଝିରେ ମଝିରେ ସେମାନେ ସେମାନଙ୍କ ଜାତୀୟ ସଙ୍ଗୀତ 'ହୀଦେ' ଗାଇ ଗାଇ ନୌକା ଚଳାଉଥାନ୍ତି । ସଙ୍ଗୀତଟା ହେଲା—

– ହାପା ଗ୍ରିଟି ଓସ୍ପାଟି ଟିଭ
ଆଇ ଡ଼ାଇଙ୍ଗା ନେଇ —

ସମବେତ କଣ୍ଠର ସେଇ ବିକଟ ସଙ୍ଗୀତ ଆଖପାଖ ପାହାଡ଼ରେ ପ୍ରତିଧ୍ୱନିତ ହୋଇ ଅବସ୍ଥା ଆହୁରି ଭୟାବହ କରିଦେଲା ।

ରାତିରେ ବିଶ୍ରାମ ନେଇ ପୁଣି ଦିନରେ ଯାତ୍ରା ଆରମ୍ଭ ହୁଏ । କେତେଦିନ ଏହିପରି ଭାବରେ ଚଳିଲା । ଗୋଟାଏ ଯାଗାରେ ବିସ୍ମୟକର ଦୃଶ୍ୟ ସେମାନେ ଦେଖିବାକୁ ପାଇଲେ ।

ପ୍ରାୟ ଦୁଇମାଇଲ ଧରି ନଈ ପାଣି ଯେପରି ଟକମକ ହୋଇ ଫୁଟୁଛି—ଗରମ ବାମ୍ଫରେ ବୁଡ଼ିଅଛି ଅଞ୍ଚଳ । କୂଳରେ କାଦୁଅ ଫଟ ଫଟ କରି ଫୁଟୁଛି—ସେଥିରେ ପଡ଼ିଲେ ଆଉ ରକ୍ଷା ନାହିଁ । କୌଣସି ଆଗ୍ନେୟଗିରିର ଲାଭାସ୍ରୋତ ଆସି ଏଠାରେ ନଈ ପାଣିକୁ ହୁଏତ ଏପରି ଗରମ କରି ଦେଇଛି । ଗନ୍ଧକର ବିକଟ ଗନ୍ଧରେ ନାକ ଫାଟିଯିବ ଯେପରି ! ମୁଣ୍ଡ ବୁଲାଇବାକୁ ଆରମ୍ଭ କଲା ।

ତା' ପରେ ପୁଣି ଆସିଲା ଥଣ୍ଡା ନଈ, ପାଣି ।

ଛ'ଦିନ ଦିନ ଦେଖାଗଲା ସେଇ ହ୍ରଦ । ତାହାର ପାଖରେ ବିରାଟ ପର୍ବତମାଳା ନଈ କୂଳକୁ ଲାଗି ଉଠିଯାଇଛି ଆକାଶ ଆଡ଼କୁ । ମାଇଲ୍ ପରେ ମାଇଲ ଧରି ଖାଲି ପର୍ବତମାଳା ।

Digitized by srujanika@gmail.com

ସେଇ ପାହାଡ଼ ଉପରେ ଦେଖାଗଲା କେତେ ଗୁଡ଼ଏ କୁଡ଼ଆ-ଘରପାଖ ପାଚେରୀ ଦେଇ ଘେରା । ଏଗୁଡ଼ିକ ହେଉଛି ମାଓରୀ ସର୍ଦ୍ଦାରଙ୍କ ଦୁର୍ଗ—ମାଓରୀ ଭାଷାରେ ଏହାକୁ 'ପାହ' କହନ୍ତି ।

ଦୁର୍ଗ ଉପରେ ଗୋଟାଏ କନା ଉଡ଼ୁଛି—ସେମାନଙ୍କ ଜାତୀୟ ପତାକା । ମାଓରୀମାନେ ଖୁବ୍ ଅଦ୍ଭୁତ ଭାଷାରେ ତାକୁ ଅଭିବାଦନ ଜଣାଇଲେ ।

ସୂର୍ଯ୍ୟ ବୁଡ଼ତ ବୁଡ଼ବ ହେଉଛି—ଏପରି ସମୟରେ ନୌକା କୂଳରେ ଲଗିଲା । କଡ଼ା ପହରାରେ ବନ୍ଦୀମାନଙ୍କୁ ଦୁର୍ଗମ ଉଠାଣି ରାସ୍ତା ଦେଇ ସେଇ ଦୁର୍ଗ ଆଡ଼କୁ ନିଆଗଲା ।

ଦେହରେ ବା ମନରେ ଯେପରି କୌଣସି ଚେତନା ନାହିଁ ଏପରି ଭାବରେ ଇଂରେଜ ବନ୍ଦୀମାନେ ଚାଲିବାକୁ ଲାଗିଲେ ।

Digitized by srujanika@gmail.com

—ଛଅ—

ଅବଶେଷରେ ଦୁର୍ଗରେ ବା 'ଫାର୍ଟ'ରେ ସେମାନେ ପହଞ୍ଚିଲେ ।

କେତେଗୁଡ଼ିଏ ଇତସ୍ତତଃ ବିକ୍ଷିପ୍ତ ଲତାପତ୍ର ଘର ଦ୍ୱାରା ଏଇ 'ଫାର୍ଟ' ଗଠିତ । ଚୂର ଦିଗରେ ଘେରି ରହିଛି ତିନି ପ୍ରସ୍ଥ ପାଚେରି । ପ୍ରଥମେ ପ୍ରାୟ ପନ୍ଦରଫୁଟ ଉଚ୍ଚା ପଥରର କାନ୍ଥ । ତା ଭିତରେ କାଠର କାନ୍ଥ ଓ ତା ପରେ ମାଟି କାନ୍ଥ ।

ଶ୍ୱେତକାୟ ବନ୍ଦୀମାନେ ପହଞ୍ଚି ପ୍ରଥମେ ଯେଉଁ ଦୃଶ୍ୟ ଦେଖିବାକୁ ପାଇଲେ, ସେଥିରେ ସେମାନଙ୍କର ରକ୍ତ ପାଣି ହୋଇଗଲା । ପଥର କାନ୍ଥରେ ଠାଏ, ଠାଏ ଝୁଲ ହୋଇ ରହିଛି ମଣିଷ ମୁଣ୍ଡ ସବୁ । ଲେଡ଼ି ହେଲେନା ଓ ମେରି ଭୟରେ ଆଖି ବୁଜି ଦେଲେ । ଝୁଲ ହୋଇଥିବା ମଣିଷ ମୁଣ୍ଡ ସବୁ ହେଉଛି ଯୁଦ୍ଧବନ୍ଦୀମାନଙ୍କର ମୁଣ୍ଡ—ଏଇ ମୁଣ୍ଡମାନଙ୍କ ଭିତରୁ କେତେ ଗୁଡ଼ିଏ ସାହେବମାନଙ୍କର । ଆଖି ସବୁ ଉପାଡ଼ି ନିଆହୋଇଛି । ଚମଡ଼ା ନାହିଁ । ସେମାନେ ସେମାନଙ୍କ ନିଜସ୍ୱ ପ୍ରକ୍ରିୟାରେ ଧୂଆଁ

Digitized by srujanika@gmail.com

ସାହାଯ୍ୟରେ ଏଇ ମୁଣ୍ଡ ଗୁଡ଼ିକୁ ମମୀ ପରି ଚିରସ୍ଥାୟୀ କରି ଝୁଲାଇ ରଖିଛନ୍ତି ।

କୈ-କଞ୍ଜ-ମଞ୍ଜ ଘରଟି ଖାଲି ଲତା ଓ ଫୁଲ ଦ୍ୱାରା ସଜ୍ଜା ହୋଇଛି । ଘର ଗୁଡ଼ିକର ଫାଙ୍କରେ, ଫାଙ୍କରେ ପ୍ରଶସ୍ତ ଉଠାଣି । ବନ୍ଦୀମାନଙ୍କୁ ନେଇ ରଖାଗଲା ପାହାଡ଼ ଉପରେ ଥିବା ସବା ଶେଷ କୁଡ଼ିଆରେ । ଦୁଆର ମୁହଁରେ ସପର ପର୍ଦ୍ଦା । ବାହାରେ ମାଉରିମାନଙ୍କ କଡ଼ା ପହରା ।

କବାଟ ଫାଙ୍କ ଦେଇ ସେମାନେ ଦେଖିବାକୁ ପାଇଲେ ଶହ ଶହ ପିଲା, ବୁଢ଼ା, ସ୍ତ୍ରୀ ସର୍ଦ୍ଦାରକୁ ଘେରିଯାଇ ନାନା ପ୍ରକାର କଥାବାର୍ତ୍ତା ଓ ଚିତ୍କାର କରୁଛନ୍ତି । ଯୁଦ୍ଧ କ୍ଷେତ୍ରରୁ ସର୍ଦ୍ଦାର ପ୍ରଥମେ ଫେରି ଆସିଛି । ତା ମୁହଁରୁ ପରାଜୟ ଓ ମୃତମାନଙ୍କ ସମ୍ବାଦ ଶୁଣି ମୃତମାନଙ୍କ ଆତ୍ମୀୟ ସ୍ୱଜନ ଚିତ୍କାର କରି କାନ୍ଦିବାକୁ ଲାଗିଲେ । ମାଉରିମାନଙ୍କର ଶୋକ କରିବାର ପ୍ରକ୍ରିୟା ଅଲଗା । ସ୍ତ୍ରୀମାନେ ଆତ୍ମୀୟ ବିୟୋଗ ଖବର ଶୁଣିବା ମାତ୍ରେ ଦାନ୍ତୁଆ ପଥର ଦ୍ୱାରା ନିଜର ନାକ, ମୁଣ୍ଡ, କପାଳ, ହାତ, ପାଦ ଖଣ୍ଡିଆ କରି ପକାଇ ପାଟି କରି କାନ୍ଦିବାକୁ ଆରମ୍ଭ କଲେ । କ୍ଷତ ଦେଇ ରକ୍ତ ବାହାରୁଥାଏ, ଆଉ ଅଶ୍ରାବ୍ୟ କାନ୍ଦଣାରେ ସ୍ଥାନଟି ନରକ ପରି ହୋଇ ଉଠୁଥାଏ ।

ବନ୍ଦୀ ଇଂରେଜମାନଙ୍କ ଦେହରେ ଆଉ ପ୍ରାଣ ରହିଲାନି । ପ୍ରତି ମୁହୂର୍ତ୍ତରେ ସେମାନେ ଆଶଙ୍କା କରିବାକୁ ଲାଗିଲେ ଯେ ଏଇ ସବୁ ଶୋକଗ୍ରସ୍ତ କ୍ରୁଦ୍ଧ ମାଉରିମାନେ ଆସି ସେମାନଙ୍କୁ ଆକ୍ରମଣ କରି, ଜୀଅନ୍ତା ଛିଣ୍ଡାଇ ଟିକି ଟିକି କରି ଖାଇଦେବେ ।

Digitized by srujanika@gmail.com

କୈ-କଉ-ମଉ ସେମାନଙ୍କୁ କଣ ସେପଣ ବୁଝାଇବାକୁ ଲାଗିଲା । ଲୋକେ ଶୁଣୁଥାନ୍ତି । କିନ୍ତୁ ମଝିରେ ମଝିରେ ଅଧୈର୍ଯ୍ୟ ଓ ଉତ୍ତେଜିତ ହୋଇ ଉଠୁଥାନ୍ତି ।

ହେଲେନା ଓ ମେଷ୍ଟ କାନ୍ଦିବାକୁ ଲାଗିଲେ । ଲର୍ଡ଼ ଗ୍ଲେନାରଭ୍ୟାନ୍ ସେମାନଙ୍କୁ ସାନ୍ତ୍ୱନା ଦେଇ କହିଲେ, ଭୟ କରନା । ଭଗବାନଙ୍କ ଉପରେ ଆସ୍ଥା ରଖ ।

ଲେଡି ହେଲେନା ପୋଷାକ ଭିତରୁ ଗୋଟିଏ ରିଭଲଭର ବାହାର କରି ସ୍ୱାମୀଙ୍କ ହାତରେ ଦେଇ କହିଲେ—ମାଉରୀମାନେ ମୋତେ ଖାନିତଲାସ କରି ନାହାନ୍ତି । ତେଣୁ ଏଇଟି ସେମାନଙ୍କ କବଳରୁ ବଞ୍ଚି ଯାଇଛି । ଜୀବନ ଠାରୁ ମାନ ଇଜ୍ଜତ୍ ବଡ଼ । ଯଦି ଏଇ ମାଉରୀମାନେ ଆମମାନଙ୍କ ଇଜ୍ଜତ ନେବା ପାଇଁ ବସନ୍ତି, ତା ଆଗରୁ ମୋତେ ଆଉ ମେଷ୍ଟଙ୍କୁ ଗୁଳି କରିଦେବ । ସେଇ ମରଣରେ ଆମର ଅସମ୍ମାନ ହେବ ନାହିଁ ।

ଏଇ ସମୟରେ ଜଣେ ମାଉରୀ ସୈନ୍ୟ ଆସି ବାହାରକୁ ଯିବା ପାଇଁ ଇଙ୍ଗିତ ଦେଲା । ସର୍ଦ୍ଦାର ସେମାନଙ୍କୁ ଡାକୁଛି ।

ସେମାନେ ସମସ୍ତେ କୈ-କଉ-ମଉ ପାଖକୁ ଗଲେ । ମାଉରୀମାନେ ସେତେବେଳକୁ ଗୁଳିଗଲେଣି । କୈ-କଉ ମଉ ପାଖରେ ଠିଆ ହୋଇଛି ସେମାନଙ୍କ ସଙ୍ଗେ ଅନ୍ୟ ନୌକାରେ ଆସିଥିବା ଆଉ ଏକ ସର୍ଦ୍ଦାର । ତା ନାଁ କାରା-ଟେଟି । ତାର ଚେହେରା ଆହୁରି ଖିଷଣ—ଦେଖିବାକୁ ଠିକ୍ ରାକ୍ଷସ ପରି । ବର୍ତ୍ତମାନ ଏଇ ଦୁଇ ସର୍ଦ୍ଦାର ଏକାଠି ହୋଇଛନ୍ତି ସତ, କିନ୍ତୁ ଏଇ

Digitized by srujanika@gmail.com

ଦୁଇ ଜଣଙ୍କ ମଧ୍ୟରେ ବିଶେଷ ସଦ୍ଭାବ ଯେ ନାହିଁ ତାର ଆଭାସ ଆଗରୁ ମିଳୁଛି । ନେତୃତ୍ୱ ନେଇ ଖୁବ୍ କଷାକଷି ଚାଲିଛି ଏଇ ଦୁଇ ସର୍ଦ୍ଦାରଙ୍କ ମଧ୍ୟରେ ।

କୈ-କଉ-ମଉ ଲର୍ଡ ଗ୍ଲେନାରଭ୍ୟାନଙ୍କୁ ପ୍ରଶ୍ନକଲା, ତୁମେମାନେ କଣ ଇଂରେଜ ?

ହଁ । ଲର୍ଡ଼ ଉତ୍ତର ଦେଲେ । ଆମ ଜାହାଜଟି ବୁଡି ଯିବାରୁ ଏଠାକୁ ଆସିଛୁ । ଯୁଦ୍ଧ ସଙ୍ଗେ ଆମର କୌଣସି ସଂପର୍କ ନାହିଁ ।

ନାଲି ଆଖି କରି କାର-ଟେଟି କହି ଉଠିଲା, ସମଗ୍ର ଇଂରେଜ ଜାତି ଆମର ଶତ୍ରୁ । ଆମ ଦେଶକୁ ଜାଳପୋଡ଼ ପାଉଁଶ କରି ସାରିଲଣି ତୁମେମାନେ ।

ସତରେ ସେମାନେ ଅନ୍ୟାୟ କରୁଛନ୍ତି, ଗ୍ଲେନାରଭ୍ୟାନ୍ ଆନ୍ତରିକ ଭାବରେ କହିଲେ ।

ଶୁଣ—କୈ-କଉ-ମଉ କହିଲା, ଆମମାନଙ୍କର ପ୍ରଧାନ ଠହୋଙ୍ଗା ତୁମ ଲୋକଙ୍କ ହାତରେ ବନ୍ଦୀ ହୋଇଛନ୍ତି । ସେଇ ଦିନଠୁ ଆମ ଦେହ ରାଗରେ ଜଳୁଛି । ଇଚ୍ଛା ହେଉଛି ତୁମମାନଙ୍କୁ ଠିକ ଠିକ କରି ଛୁଣ୍ଡାଇ ପକାଇ ତାର ପ୍ରତିଶୋଧ ନଅନ୍ତି ।

ସର୍ଦ୍ଦାରର ବିରାଟ ଦେହ ପ୍ରକୃତରେ ରାଗରେ ଠକ୍ ଠକ୍ କରି କମ୍ପିବାକୁ ଲାଗିଲା । ବହୁତ କଷ୍ଟରେ ରାଗ ସଂବରଣ କରି ସେ କହିଲା, ତୁମମାନଙ୍କୁ ଛାଡି ଦେଇ ପାରିବି— ଯଦି ଆମ ପୁରୋହିତଙ୍କୁ ଫେରି ପାଏ । ରାଜି ହେବେତ ସେମାନେ ?

Digitized by srujanika@gmail.com

ମୁଁ ସେ କଥା କପରି କହି ପାରିବ ?

ତୁମେ କହି ପାରିବନି—ନା ? ପୁଣି ଖୁବ୍ ରଗିଗଲା କୈ-କଉ-ମଉ—ତା'ହେଲେ ତୁମମାନଙ୍କର ମୁଣ୍ଡ ଆଉ ରହିବ ନାହିଁ ।

ଏଇ ସମୟରେ ଗୋଟାଏ କାଣ୍ଡ ଘଟିଗଲା । ସର୍ଦ୍ଦାର କାଗ-ଟେଟି ହଠାତ୍ ହେଲେନାଙ୍କ ହାତ ଧରି ପକାଇ କହିଲା, ମୁଁ ଏହାକୁ ବନ୍ଦୀ ନେବ ।

ସଙ୍ଗେ ସଙ୍ଗେ ଲର୍ଡ଼ ଗ୍ଲେନାରଭ୍ୟାନ ପକେଟରୁ ରିଭଲଭର ବାହାର କରି ଗୋଟିଏ ଗୁଳିରେ ଶେଷ କରିଦେଲେ ସର୍ଦ୍ଦାରକୁ । ଆଖି ପିଛୁଳାକେ ତାର ପ୍ରାଣହୀନ ବିଶାଳ ଦେହ ମାଟିରେ ଲୋଟି ପଡ଼ିଲା । ଗୁଳି ଶବ୍ଦ ଶୁଣି ଘରଆଡ଼ୁ ଅସଂଖ୍ୟ ସଶସ୍ତ୍ର ମାଓରୀ ଆଗେଇ ଆସିଲେ—ସେମାନଙ୍କୁ ମାରିବାକୁ । ଏଇ ସମୟରେ କୈ-କଉ-ମଉର ଚିତ୍କାର ଶୁଣାଗଲା—ଟେବୁ ! ଟେବୁ !

ଏଇ କଥା ପଦକ ଯେପରି ମନ୍ତ୍ରପରି କାମ ଦେଲା । ହିଂସ୍ର ଜନତା ଯେପରି ଈଶ୍ବରଙ୍କ ନିର୍ଦ୍ଦେଶରେ ହଠାତ୍ ଚୁପ ହୋଇଗଲା ।

ରିଭଲଭରଟା ଲର୍ଡ଼ଙ୍କ ହାତରୁ କାଢ଼ି ନିଆଗଲା ।

ସେମାନଙ୍କୁ ସେଇ କୁଡ଼ିଆକୁ ସଶସ୍ତ୍ର ପହରାରେ ନିଆଗଲା । କେବଳ ରବର୍ଟ, ପ୍ୟାଗାନେଲକୁ ଦେଖାଗଲା ନାହିଁ ସେଇ ଦଳରେ ।

Digitized by srujanika@gmail.com

— ସାତ —

ଟେବୁ'! କି ଅଦ୍ଭୁତ ଶବ୍ଦ !

ଟେବୁ କଥାଟି ମାଓରୀମାନଙ୍କ ସମାଜରେ ଗୋଟିଏ ଐଶ୍ବରିକ ଆଜ୍ଞା ପରି ଧରା ହୋଇଛି । 'ଏଇଟି ଉଚ୍ଚାରଣ କରିବାର କ୍ଷମତା ଥାଏ କେବଳ ସେମାନଙ୍କ ରାଜା ବା ସର୍ଦ୍ଦାରଙ୍କର ବା ପୁରୋହିତଙ୍କର । ଏହାକୁ ସେମାନେ ଅଲୌକିକ ଶକ୍ତିର ଆଦେଶ ବୋଲି ମନେ କରନ୍ତି । ଯାହାକୁ ବା ଯାହା ସମ୍ବନ୍ଧରେ ଟେବୁ ଉଚ୍ଚାରିତ ହୁଏ ତାକୁ ଆଘାତ କରିବା ବା ତାର ଅନିଷ୍ଟ କରିବା ଅଲଙ୍ଘନୀୟ ଅପରାଧ ବୋଲି ବିବେଚିତ ହୁଏ । ଟେବୁ ପ୍ରାପ୍ତ ବ୍ୟକ୍ତି ବା ବ୍ୟକ୍ତିମାନେ ନିରାପଦରେ ରକ୍ଷିତ ହୋଇ ରହନ୍ତି । ନାନା ବିପଦ କ୍ଷେତ୍ରରେ, ସେମାନେ ଏଇ ଟେବୁ ଦ୍ୱାରା ଶାସିତ ହୁଅନ୍ତି । ଆଜି ଇଂରେଜ ବନ୍ଦୀଗଣ ଏଇ ଟେବୁ ଦ୍ୱାରାହିଁ ବଞ୍ଚିଗଲେ ।

ରାତିଟା ଯେ କପରି ଭାବରେ କଟିଲା ସେମାନଙ୍କର, ତାହା ଅବର୍ଣ୍ଣନୀୟ । ସମସ୍ତେ ଜାଣିଲେ ମୃତ୍ୟୁ ନିଶ୍ଚିତ ଓ ତାହା କପରି ଭାବରେ ହେବ ଭାବିବାକୁ ଯାଇ ସମସ୍ତେ ଶିହରି ଉଠିଲେ ।

Digitized by srujanika@gmail.com

ମେଜର ତଥାପି କ୍ଷୀଣ ଆଶା ପ୍ରକାଶ କଲେ - ମୋର ମନେ ହୁଏ – ଏଇ ସର୍ଦ୍ଦାରକୁ ଖୁନ୍ କରାଯିବାରୁ କୈ-କଉ-ମଜ ହୁଏତ ଖୁସି ହୋଇଛନ୍ତି । ତାର ଜଣେ ପ୍ରତିଦ୍ୱନ୍ଦୀ କମିଗଲା । ମେଜରଙ୍କ କଥାରେ କେହି ଅବଶ୍ୟ ବିଶେଷ ଗୁରୁତ୍ୱ ଦେଲେନି ।

ତା' ଆବେଦନ ବି ସେମିତି କଟିଗଲା । ତଥାପି କିଛି ହେଲାନି ।

ଏହାର କାରଣ ହେଉଛି ମାଉମାଉମାନଙ୍କ ସମାଜରେ ଶବକୁ ତିନିଦିନ ପକାଇ ରଖା ହୁଏ । ସେମାନଙ୍କ ବିଶ୍ୱାସ ମଣିଷ ମରିବା ପରେ ବି ଆତ୍ମା ଦେହ ଭିତରେ ତିନିଦିନ ପର୍ଯ୍ୟନ୍ତ ରହେ । ତା' ପରେ ହୁଏ ସତ୍କାର ବ୍ୟବସ୍ଥା—ସେ ସତ୍କାର ବଡ଼ ଭୀଷଣ । ସଭ୍ୟ ଲୋକମାନଙ୍କ ପକ୍ଷେ ସେ ବୀଭତ୍ସ ଦୃଶ୍ୟ ଦେଖିବା ଯେ କି କଷ୍ଟକର ତାହା କେବଳ ଏଇ ବନ୍ଦୀମାନେ ଜାଣନ୍ତି ।

ଝର୍କାର ଫାଙ୍କ ଦେଇ ସେମାନେ ଦେଖିଲେ ଏଇ ଦୁଇ ଦିନ ଦୁର୍ଗରେ କେହି ଲୋକବାକ ନାହାନ୍ତି । କେବଳ ମାତ୍ର ସେମାନଙ୍କ ଜଗୁଆଳୀମାନେ ସତର୍କ ପହରା ଦେଉଛନ୍ତି । ତିନିଦିନ ପରେ କେଉଁଆଡୁ ଶହ ଶହ ମାଉମାଉ ଆସି ପହଞ୍ଚିଲେ ସେଠାରେ । କୈ-କଉ-ମଜ ଅବୋଧ ଭାଷାରେ କଣ ସବୁ ସେମାନଙ୍କୁ କହିଲେ । ତା' ପରେ ଇଂରେଜ ବନ୍ଦୀମାନଙ୍କୁ ସେଠାକୁ ନିଆଗଲା ।

ନାନା ପ୍ରକାର ପୋଷାକ ଓ ଲତାପତ୍ର ଫୁଲ ଦ୍ୱାରା ସଜାଇ ମୃତ ଦେହଟାକୁ ଶୁଆଇ ରଖା ହୋଇଛି ।

ବନ୍ଦୀମାନେ ପହଞ୍ଚିବାରୁ ସମବେତ ଜନତା କ୍ରୁଦ୍ଧ ଗର୍ଜ୍ଜନ କରି ଉଠିଲେ । ହାତ ଦ୍ୱାରା ଇଙ୍ଗିତ ଦେଇ ସମସ୍ତଙ୍କୁ ମାରିବା

Digitized by srujanika@gmail.com

ରହିବାକୁ କହି କେ-କଉ-ମଉ ଲର୍ଡ଼ଙ୍କୁ ଗୁହାଁରି କହିଲା—ତୁମେ କାଦୁ-ଟେଟିକୁ ହତ୍ୟା କରିଛ ।

ହ—ସ୍ପ ର କଣ୍ଠରେ ଲର୍ଡ଼ ଗ୍ଲେନାରଭ୍ୟାନ ଉତ୍ତର ଦେଲେ ।

କାଲି ସକାଳେ ସୂର୍ଯ୍ୟ ଉଇଁବା ସଙ୍ଗେ ସଙ୍ଗେ ତୁମେ ମରିବ ।

କେବଳ ମୁଁ ?

ଏତିକବେଳେ ସେଠାକୁ ଛୁଟି ଆସିଲା ଜଣେ ସୈନିକ । ଦେହସାରା ତାର କ୍ଷତ ଚିହ୍ନ । ରକ୍ତ ଶୁଖି ଯାଇଛି । ଧଇଁ ସଇଁ ହୋଇ ସେ ସର୍ଦ୍ଦାରକୁ ଅଭିବାଦନ କଲା ।

ତୁମେ ଇଂରେଜମାନଙ୍କ ପାଖରୁ ଆସିଛ ? ସର୍ଦ୍ଦାର ପଚାରିଲା ।

ହଁ ।

ତୁମେ ଆମ ପୁରୋହିତ ଟେହୋଗାଙ୍କୁ ବନ୍ଦୀ ଅବସ୍ଥାରେ ଦେଖିଛ ?

ହଁ ।

ସେ କଣ ବଞ୍ଚିଛନ୍ତି ?

ନା – ତାଙ୍କୁ ଇଂରେଜମାନେ ଗୁଳି କରି ମାରି ଦେଇଛନ୍ତି ।

ଏକଥା ଶୁଣି ମାଓରୀମାନେ ଉନ୍ମାଦ ପରି ହୋଇଗଲେ । କେ-କଉ-ମଉର ଆଖି ଦପ୍ ଦପ୍ କରି ଜଳି ଉଠିଲା । ବନ୍ଦୀମାନଙ୍କ ଆଡ଼କୁ ଗୁହାଁରି କହିଲା—ତୁମ ସମସ୍ତଙ୍କୁ କାଲି ସକାଳେ ଗୋଟି ଗୋଟି କରି ହତ୍ୟା କରାଯିବ ।

Digitized by srujanika@gmail.com

ବନ୍ଦୀମାନଙ୍କୁ ପୁଣି କୁଡ଼ିଆକୁ ନିଆଗଲା । ଆଶ୍ଚର୍ଯ୍ୟ, ଉବର୍ଟ ଓ ପ୍ୟାଗାନେଲଙ୍କୁ ସେମାନେ କେଉଁଠି ରଖିଲେ ? ଦୁହିଁଙ୍କୁ ଅଲଗା ରଖିବାର ଉଦ୍ଦେଶ୍ୟ କଣ ହୋଇପାରେ ?

ଖରାବେଳେ ଶବ ସତ୍କାର ସମୟକୁ ପୁଣି ସେମାନଙ୍କୁ ଅଣାଗଲା । ଗୋଟାଏ ବଡ଼ ଗଛ ତଳେ ଆଣି କାଠ-ଚେଟିର ଶବକୁ ରଖା ହୋଇଛି । ଚାରିଆଡ଼େ ଘେରି ରହିଛନ୍ତି ଶହ ଶହ ମାଓରୀ । ସେମାନଙ୍କ ମଧ୍ୟରେ ଅନେକ ସର୍ଦ୍ଦାର ବି ରହିଛନ୍ତି । ଅସଂଖ୍ୟ ନରନାରୀ, ଆବାଲବୃଦ୍ଧବନିତା ବି ଅଛନ୍ତି ।

ଯାହେଉ ଶବ ସତ୍କାର କାର୍ଯ୍ୟ ଆରମ୍ଭ ହେଲା ।

ଶବଟିରେ ପ୍ରଥମେ ଭଲ କରି ତେଲ ବୋଳାଗଲା । ସମସ୍ତେ ମିଶି କାନ୍ଦୁଥାଆନ୍ତି । ନିକଟ ଆତ୍ମୀୟ ସ୍ତ୍ରୀମାନେ ଧାରୁଆ ପଥର ଦ୍ୱାରା ନିଜ ଦେହକୁ ଲହୁଲୁହାଣ କରି ଆକାଶ ଫଟା କାନ୍ଦରେ ସ୍ଥାନଟିକୁ ଆହୁରି ଭୟାବହ କରିଦେଲେ ।

ଦଳେ ସୈନ୍ୟ ଦାନ୍ତ କଡ଼ମଡ଼ କରି ଅବୋଧ ଭାଷାରେ କଣ କହି ଏପରି ଭାବରେ ଇଂରେଜ ବନ୍ଦୀମାନଙ୍କ ଆଡ଼େ ଚାହିଁଲେ, ମନେ ହେଲା ଯେପରି ସେମାନେ ବର୍ତ୍ତମାନ ସେମାନଙ୍କ ମାଂସ କଞ୍ଚା ଛିଣ୍ଡାଇ ଖାଇଯିବେ । କିନ୍ତୁ କେହି କାହାର ସ୍ଥାନ ଘୁଞ୍ଚିଲେନି । କେ-କଇ-ମଉ ଠାରୁ ଇଙ୍ଗିତ ପାଇ ଆରମ୍ଭ ହେଲା ସମବେତ କଣ୍ଠରେ ଶ୍ମଶାନ ସଙ୍ଗୀତ । ବିକଟ ସଙ୍ଗୀତରେ ସେ ସ୍ଥାନଟି ଚମକି ଉଠିଲା ।

Digitized by srujanika@gmail.com

ଗୀତ ଶେଷ ହେବା ପରେ ଦେଖାଗଲା, ଗୋଟିଏ ତରୁଣୀ ନସର ପସର ହୋଇ କାନ୍ଦ କାନ୍ଦ ଶବ ପାଖକୁ ଆସୁଛି । ସେ ହେଉଛି କାସ୍-ଚେଟିର ସ୍ତ୍ରୀ—ତାକୁ ସହମରଣ ଯିବାକୁ ହେବ । କାନ୍ଦ କାନ୍ଦ ସ୍ତ୍ରୀଟି ହଠାତ୍ ତଳେ ଶୋଇ ପଡ଼ି ମୁଣ୍ଡ ବାଡ଼େଇବାକୁ ଲାଗିଲା ।

କେ-କଜ-ମଜ ଆଗେଇ ଆସିଲା ପାଖକୁ—ହାତରେ ଗୋଟାଏ ବିରାଟ ଗଦା । ସ୍ତ୍ରୀ ଲୋକଟି ଉଠିବାକୁ ଚେଷ୍ଟା କରିବା ମାତ୍ରେ କେ-କଜ-ମଜ ସେଇ ବିରାଟ ଗଦା ଦ୍ୱାରା ଖୁବ୍ ଜୋରରେ ତା' ମୁଣ୍ଡକୁ ପାହାରେ ଦେଲା । ସଙ୍ଗେ ସଙ୍ଗେ ମୁଣ୍ଡଟା ଦୁଇଖଣ୍ଡ ହୋଇଗଲା । ମଥା ଦନ୍ନ ବାହାର ଆସିଲା । ଆଜ ସ୍ତ୍ରୀଟି ମରି ପଡ଼ି ରହିଲା । ତା' ଶବକୁ ଟେକି ନେଇ କାସ୍-ଚେଟି ପାଖରେ ଶୁଆଇ ଦିଆଗଲା ।

ତା' ପରେ ଅଣା ହେଲା କାସ୍-ଚେଟିର ଛ'ଜଣ ଚାକରଙ୍କୁ । ମାଓରିମାନଙ୍କ ପ୍ରଥା ଅନୁସାରେ ବଞ୍ଚିଥିବାବେଳେ ଯେଉଁମାନେ ଚାକର ଥାଆନ୍ତି—ମରିଯିବା ପରେ ସେମାନଙ୍କୁ ସହମରଣ ଯାଇ ସେବା ଶୁଶ୍ରୂଷା କରିବାକୁ ହୁଏ । ସୁତରାଂ ଏମାନଙ୍କୁ ବି ମରିବାକୁ ହେବ । ବିଚରା ଚାକରମାନେ ଜଳ ଜଳ କରି ଅନାଇ ବଧଭୂମି ଆଡ଼କୁ ଆଗେଇ ଆସିଲେ ଯେପରି କି କୌଣସି ଚେତନା ନାହିଁ—ଯେପରି ବିହ୍ୱଳ ହୋଇ ଯାଇଛନ୍ତି । ଅଳ୍ପ ସମୟ ପରେ ଗଦା ଧରି ଦୁଇଜଣ ଅର୍ଘାସୁର ପରି ଘାତକ ଆସି ଗୋଟିଏ ଗୋଟିଏ ପାହାରରେ ସେଇ ଛ' ଜଣଙ୍କୁ ଶେଷ କରିଦେଲେ । ରକ୍ତନଦୀ ବୋହିଗଲା ଚାରି ଦିଗରେ ।

Digitized by srujanika@gmail.com

ଏହା ପରେ ଦେଖିବାକୁ ମିଳିଲା ଅମାନୁଷିକ ନରମାଂସ ଖିଆ ପାଳି ।

ହର୍ଡାର ଓ ତା'ର ସ୍ତ୍ରୀର ଶବ ଟେବୁ ଦ୍ୱାରା ରକ୍ଷିତ । କିନ୍ତୁ ଶୁକରମାନଙ୍କ ଶବ ତାହା ନୁହେଁ । ଜନତା ହଠାତ୍ ଝାମ୍ପି ପଡ଼ିଲା ସେଇ ଶୁକରମାନଙ୍କ ଶବ ଉପରେ । ଆଖି ପିଛୁଳାକେ ଚିକି ଚିକି କରି ଫଳାଇଲେ ସେମାନଙ୍କର ଶବ । କଞ୍ଚା ମାଂସ ଖଣ୍ଡ ଖଣ୍ଡ କରି ନେଇ ଯିଏ ଯାହାର ମୁହଁରେ ପୂରାଇବାକୁ ଲାଗିଲେ । ଓଃ, କି ଭୟାବହ ଦୃଶ୍ୟ ! ବନ୍ଦୀମାନେ ଦୁଇ ହାତରେ ଆଖି ବନ୍ଦ କରିଦେଲେ । ଲେଡ଼ି ହେଲେନା ଓ ମେଗି ତ ପ୍ରାୟ ଅଚେତ ହୋଇଗଲେ ।

ଏହିପରି ଭାବରେ କେତେକ୍ଷଣ ଧରି ଯେଉଁ କାଣ୍ଡ ଚାଲିଲା ତାକୁ ଗୋଟିଏ କଥାରେ ପୂରାପୂରି ନରକର ଦୃଶ୍ୟ ସହିତ ତୁଳନା କରାଯାଇପାରେ ।

ତା' ପରେ ଜାଗ୍ ଟେଟି ଓ ତାର ସ୍ତ୍ରୀର ଶବକୁ ପାଲିଙ୍କି ମଧ୍ୟରେ ବସାଇ ନେଇ, ଦୁଇମାଇଲ ଦୂର ମାନଗାନାମୁ ନାମକ ୮୦୦ ଫୁଟ ଉଚ୍ଚ ଗୋଟିଏ ପର୍ବତକୁ ନିଆଗଲା । ସେଠାରେ ସେମାନଙ୍କ ପାଇଁ ପଥର ଓ ଗଛପତ୍ର ଦ୍ୱାରା ଗୋଟିଏ ସମାଧି ମନ୍ଦିର ତିଆରି କରା ହୋଇଥିଲା । ତା ମଧ୍ୟରେ ରଖା ହେଲା ଶବ ଦୁଇଟିକୁ । ଖାଲି ଏତିକି ନୁହେଁ ଏ ଦେଶର ନିୟମାନୁଯାୟୀ ମୃତ ସ୍ୱାମୀ ସ୍ତ୍ରୀର ଉପଯୁକ୍ତ ବସ୍ତ୍ରଣାପତ୍ର, ପୋଷାକପତ୍ର ଓ ପ୍ରାୟ କେତେ ମାସ ପାଇଁ ଖାଇବା ଜିନିଷ, ପିଇବା ପାଣି ସବୁ କିଛି ସେ ମନ୍ଦିରରେ ଜମା ରଖାଗଲା । ପରକାଳରେ ଖାଇବା ପାଇଁ ଏଇ ବ୍ୟବସ୍ଥା ।

Digitized by srujanika@gmail.com

ତା' ପରେ ମାଉସ୍ମ ଜନତା ଶେଷଥର ପାଇଁ ଓହ୍ଲାଇ ଆସିଲ ସେ ପାହାଡ଼ରୁ । କାର୍ଣ୍ଣିକ ନା ଏ ପାହାଡ଼ ବର୍ତ୍ତମାନ ଟେବୁ ଦ୍ୱାରା ରକ୍ଷିତ ହୋଇଗଲ । ତା' ଉପରକୁ ଗଲେହିଁ ମୃତ୍ୟୁଦଣ୍ଡ । ବନ୍ଧଥିବା ଯାଏ ସେଠାକୁ ଯିବା ମାଉସ୍ମମାନଙ୍କୁ ନଷିଦ୍ଧ । ଯେପରି ଆଉ ଗୋଟିଏ ପାହାଡ଼ ନାଁ ଟଂଗାସ୍ୱେ । ସେଠାରେ ଅଛୁ ୧୮୦୬ ଖ୍ରୀଷ୍ଟାବ୍ଦର ଭୂମିକମ୍ପରେ ନହତ ଏକ ସର୍ଦ୍ଦାରର ମୃତ ଦେହ ।

ବନ୍ଦୀମାନଙ୍କୁ ଆଣି ଖୁଣି ସେଇ କୁଟୀରରେ ଅଟକ ରଖାଗଲ । ରବର୍ଟ ଓ ପ୍ୟାଗାନେଲ୍ଲକୁ ଏଥର ବ ଦେଖାଗଲ ନାହିଁ । ସେମାନଙ୍କୁ କଣ ଜୀବନରେ ମାର ଦେଇଛନ୍ତି ମାଉସ୍ମମାନେ ?

Digitized by srujanika@gmail.com

ଆଠ —

ଆଜ ଶେଷ ରାତି ।

କାଲି ସକାଳେ ସୂର୍ଯ୍ୟ ଉଇଁବା ସଙ୍ଗେ ସଙ୍ଗେ ଇଂରେଜ ବନ୍ଦୀମାନଙ୍କ ମୃତ୍ୟୁ ହେବ—ନୃଶଂସ ମୃତ୍ୟୁ— ସେ ମୃତ୍ୟୁର କଥା କଳ୍ପନା କରି ହେବନି ।

ସ୍ତମ୍ଭିତ ହୋଇ ସମସ୍ତେ ବସି ରହିଲେ । ଲର୍ଡ଼ ଗ୍ଲେନାରଭ୍ୟାନ ସାହାସ ଦେବାକୁ ଲାଗିଲେ—କାରଣ ମୃତ୍ୟୁ ଯେତେବେଳେ ନିଶ୍ଚିତ, ସେତେବେଳେ ଭୟ ଛାଡ଼ ବନ୍ଧୁମାନେ । ଏଇ ମାଓରିମାନଙ୍କୁ ଦେଖାଇ ଦେବାକୁ ହେବ ମରଣକୁ ଆମେ ଭୟ କରୁନା ।

ତା' ପରେ ସେମାନେ ସମସ୍ତେ ମିଶି ପ୍ରାର୍ଥନା କଲେ । ଖାଇବା ପାଇଁ ଯାହା ଦିଆ ହୋଇଥିଲା ଆଜି କେହି ତାହା ମୁହଁରେ ଦେଲେନି । କ୍ଳାନ୍ତ ଓ ଭୟରେ ସ୍ତ୍ରୀ ଲୋକମାନେ ଶୋଇ ପଡ଼ିଲେ ।

Digitized by srujanika@gmail.com

ଲର୍ଡ଼ କହିଲେ, ଦେଖ ଜନ । ଆମେ ତ ମରିବା, କିନ୍ତୁ ଦୁଃଖର କଥା ଦୁଇଜଣ ସ୍ତ୍ରୀ ଲୋକଙ୍କୁ ବି ଆମ ସଙ୍ଗେ ଏଇ ଭୟାବହ ମୃତ୍ୟୁ ବରଣ କରିବାକୁ ହେଲା । ଖାଲି ମୃତ୍ୟୁ ନୁହେଁ, ଯଦି ସେମାନେ କୌଣସି ପ୍ରକାର ଅତ୍ୟାଚାର କରନ୍ତି, ମାନ ଇଜ୍ଜତ ନ ରଖନ୍ତି, ତେବେ ? ତା' ଠାରୁ—ତା'ଠାରୁ ଗୋଟାଏ କାମ କଲେ କିପରି ହୁଅନ୍ତା ?

କି କାମ ଲର୍ଡ୍? ଜନ୍ ମ୍ୟାଙ୍ଗ୍ଲସ ପଚାରିଲା ।

ସେମାନଙ୍କ ହାତରେ ମରିବା ଅପେକ୍ଷା ଆମ ହାତରେ ସେମାନଙ୍କ ମୃତ୍ୟୁ ହେଉ । କିନ୍ତୁ ଅସ୍ତ୍ର କାହିଁ ? ଅସ୍ତ୍ର କେଉଁଠୁ ପାଇବା ?

ସେ କଥା ନେଇ ଆପଣ ଚିନ୍ତା କରନ୍ତୁ ନାହିଁ । ଜନ୍ ମ୍ୟାଙ୍ଗ୍ଲସ୍ ଗୋଟିଏ ଛୁରୀ ବାହାର କରି କହିଲା, କାଇ-ଟେଟି ଯେତେବେଳେ ତଳେ ମରି ପଡ଼ିଗଲା ତା ଛୁରୀଟା ମୁଁ ଲୁଚାଇ ନେଇ ଆସିଥିଲି ।

ଠିକ୍ ଅଛି, ଦୀର୍ଘଶ୍ୱାସ ଛାଡ଼ି ଲର୍ଡ଼ କହିଲେ, କିନ୍ତୁ ଏବେ ନୁହେଁ ଜନ୍ । ଯଦି ସେମାନେ କୌଣସି ଅତ୍ୟାଚାର ଆରମ୍ଭ କରନ୍ତି ତେବେ, ବୁଝିଲ ? ନିଜ ହାତରେ ନିଜ ଆତ୍ମୀୟ ମାରିବା ଯେ କି କଷ୍ଟ କାମ, ଓଃ !

ଏହା ପରେ କିଛି ସମୟ ପାଇଁ ଓହ୍ଲାଇ ଆସିଲା ନିସ୍ତବ୍ଧତା । କିଏ ବା କହିବାର ଅଛି ? ମୃତ୍ୟୁର ପ୍ରହର ଗଣିବା ଛଡ଼ା ହାତରେ ଆଜି କୌଣସି କାମ ନାହିଁ । ସମୟ ବିତିବାକୁ ଲାଗିଲା । ଭୟଙ୍କର ରାତି ଧୀରେ ଧୀରେ ଶେଷ ହେବାକୁ ଲାଗିଲା ।

Digitized by srujanika@gmail.com

ଲର୍ଡ କହିଲେ, ସ୍ତ୍ରୀଲୋକମାନେ ସଙ୍ଗରେ ନଥିଲେ ମାଓରିମାନଙ୍କ ସଙ୍ଗେ ଅନ୍ତତଃ ଥରେ ଲଢ଼େଇ କରି ହୋଇଥାନ୍ତା—ଫଳାଫଳ ଯାହା ହୋଇଥାନ୍ତା ପଛେ । ପଳାଇବାର ତ ଉପାୟ ନାହିଁ ! ଯେଉଁ ଘରଟାରେ ସେମାନେ ଅଛନ୍ତି—ପଛରେ ଉଚ୍ଚ ପାହାଡ଼ର କାନ୍ଥ—ଗୋଟିଏ ପାଖରେ ବିରାଟ ଗହ୍ୱର—ସିଧା ଓହ୍ଲାଇ ଯାଇଛି—ବୋଧହୁଏ ଶହେ ଫୁଟ ହେବ । ସେ ବାଟ ଦେଇ ପଳାଇଯିବା ଅସମ୍ଭବ । ଆଗରେ ରହିଛନ୍ତି ସତର୍କ ପ୍ରହରୀ ।

ରାତି ସେତେବେଳକୁ ଚାରିଟା ହେବ । ହଠାତ୍ ଯେଉଁ ଆଡ଼େ ଗହ୍ୱର ସେଇ ଆଡ଼ୁ ତଳୁ ମାଟି ଖୋଳା ହେବାର ଶବ୍ଦ ଶୁଣାଗଲା ।

ସମସ୍ତେ ଚମକି ଉଠି ସେ ସ୍ଥାନରେ କାନ ପାତିଲେ । କି ଶବ୍ଦ ? ବୋଧହୁଏ କୌଣସି ଜନ୍ତୁ ଗାତ ଖୋଳୁଛି । କିନ୍ତୁ ନା, ଜନ୍ତୁ ନୁହେଁ—ଶବ୍ଦ କ୍ରମେ କ୍ରମେ ଆଗେଇ ଆସୁଛି । ନିଶ୍ଚୟ କୌଣସି ଲୋକ ଗାତ ଖୋଳି ଘରେ ପଶିବାକୁ ଚେଷ୍ଟା କରୁଛି । କିଏ ହୋଇପାରେ ? ଯିଏ ହେଉ, ସେମାନେ ଠିକ୍ କଲେ ଏପଟୁ ସେମାନେ ବି ଖୋଳିବେ । ଛୁରି ଓ ଖାଲି ହାତରେ ସମସ୍ତେ ମିଶି ଖୋଳିବାକୁ ଆରମ୍ଭ କଲେ, ଶବ୍ଦଟା ଯେଉଁ ପଟୁ ଆସୁଛି ଠିକ୍ ସେଇ ସ୍ଥାନରେ । କିଛି ସମୟ ପରେ ସେ ପଟୁ ଗୋଟାଏ ଛୁରିର ଫଳା ଆସି ଲଗିଲା ମେଜରଙ୍କ ହାତରେ । ଓଃ-ବୋଲି କହି ମେଜର ଚୁପ୍ ହୋଇଗଲେ—କାଳେ ବାହାରେ ଥିବା ଜଗୁଆଳିମାନଙ୍କ କାନକୁ ଯିବ ସେ ଶବ୍ଦ । ତା' ପରେ ସେ ଗାତ ଦେଇ ବାହାରି ଆସିଲା ଗୋଟାଏ ହାତ—ଧଳା ହାତ—ଏତ ମାଓରିର ନୁହେଁ ! ଜନ୍ କହିଲା' ଥରେ ଏତ ଆମ ରବର୍ଟର ହାତ !

Digitized by srujanika@gmail.com

କିଏ ? ରବର୍ଟ ? ଲର୍ଡ ପଚାରିଲେ ।

ହଁ ଲର୍ଡ ମୁଁ । ରବର୍ଟ ଗାଛର ଆରପାଖୁ କହିଲା ।

ତା ପରେ ଗୋଟାଏ ମିନିଟ୍‌ରେ ଗାତ ମୁହଁ ବଡ଼ ହୋଇଯିବାରୁ ସେ ଉଠି ଆସିଲା ଉପରକୁ ।

କିଓ ! ତୁମେ କେଉଁଠି ଥିଲ ? କିପରି ଆସିଲ ? ମାଉରି-ମାନେ ତମକୁ ଦେଖି ନାହାନ୍ତି ? ଇତ୍ୟାଦି ପ୍ରଶ୍ନ ପଚାରି ବିବ୍ରତ କରିଦେଲେ ତାକୁ ।

ଉତ୍ତରରେ ରବର୍ଟ ଜଣାଇଲା, କାଉ-ଟେଟିକୁ ମାରିବା-ବେଳେ ମାଉରିମାନଙ୍କ ଆଖିରେ ଧୂଳି ଦେଇ ସେ ଖସି ଯାଇଥିଲା । ତା’ ପରେ ଦୁଇଦିନ ଜଙ୍ଗଲରେ ରହିଲା । ଯେଉଁ ଦିନ ଶବ ସତ୍କାର ହେଲା ସେ ଦିନ ସେ ଆସି ଏଇ ଘରର ତଳଟା ଦେଖିଗଲା ଭଲ କରି । ତା’ ପରେ ଗୋଟାଏ ପରିତ୍ୟକ୍ତ କୁଟୀରରୁ ଗୋଟାଏ ଦଉଡ଼ି ଓ ଗୋଟିଏ ଛୁରି ପାଇଲା । ଡାଳପତ୍ର ଓ ଏଇ ଦଉଡି ସାହାଯ୍ୟରେ ଏଇ ପାହାଡ଼ କାନ୍ଥ ଦେଇ ଉପରକୁ ଉଠିଲା— ତା’ ପରେ ପାହାଡ଼ ଭିତରେ ଘର ଆଡ଼କୁ ଥିବା ଗୋଟାଏ ଗୁହା ପରି ଗାତ ଦେଖି ଖୋଳିବାକୁ ଆରମ୍ଭ କଲା ।

ସାବାସ୍ ରବର୍ଟ ! ଗ୍ଲେନାରଭ୍ୟାନ ତା ପିଠି ଥାପୁଡ଼େଇ କହିଲେ । ଗୋଳମାଳ ଶୁଣି ସ୍ତ୍ରୀ ଲୋକମାନେ ଉଠି ପଡ଼ିଥିଲେ । ରବର୍ଟକୁ କୁଣ୍ଢାଇ ଧରି ସେମାନେ ଆନନ୍ଦରେ କାନ୍ଦିବାକୁ ଲାଗିଲେ ।

ରବର୍ଟ କହିଲା, ଆଉ ଡେରି କଲେ ବିପଦ । ଜଣେ ପ୍ରହରୀମାନଙ୍କୁ ନଜର ରଖୁ । ଆଉ ଜଣ ଜଣ କରି ପଳାଇ ଚାଲ ।

Digitized by srujanika@gmail.com

ତା' ପରେ ସେମାନେ ଜଣ ଜଣ ହୋଇ ଗାତ ଦେଇ ଓହ୍ଲାଇ ସେଇ ଗାତ ମୂହଁରେ ଆସି ଠିଆ ହେଲେ । ଶେଷରେ ଝୁଲନ୍ତା ଦଉଡ଼ି ସାହାଯ୍ୟରେ ସମସ୍ତେ ତଳକୁ ଓହ୍ଲାଇ ଗଲେ । ଚାରିଆଡ଼େ ଅନ୍ଧାର ରାତି । ଜଗୁଆଳୀମାନେ କୁଠୀରର ପଚାଶ ହାତ ଦୂରରେ ନିଆଁ ଜାଳି ବସିଛନ୍ତି । ଅଥଚ ସେମାନେ ଏ ସବୁ କିଛି ଜାଣି ପାରି ନାହାନ୍ତି ।

ରବର୍ଟଙ୍କୁ ପଚରାଗଲା, ଫ୍ୟାଗାନେଲର ଖବର କଣ ? ତାକୁ ଦେଖିଛ ?

ରବର୍ଟ କହିଲା, ସେ ଜାଣେନା । ତା ସଙ୍ଗରେ ତାର ଦେଖା ହୋଇନି । ଫ୍ୟାଗାନେଲ ପାଇଁ ସମସ୍ତଙ୍କ ମନ ଭାରି ଖରାପ ହୋଇଗଲା । ତଥାପି ସେମାନେ ଅନ୍ଧାର ଭିତରେ ଦୌଡ଼ିବାକୁ ଲାଗିଲେ । ଭୋର ହେବା ଆଗରୁ ଏହି ଅଞ୍ଚଳ ଠାରୁ ବହୁତ ଦୂରକୁ ଚାଲିଯିବାକୁ ହେବ । ତେଣୁ ସେମାନେ ପ୍ରାଣପଣେ ଦୌଡ଼ିବାକୁ ଲାଗିଲେ ।

କାନ୍ଥିଟା କ୍ରମଶଃ ଉଚ୍ଚ ହେଉଛି । ତଳେ ଅସ୍ପଷ୍ଟ ହୋଇ ଦେଖାଯାଉଛି ହ୍ରଦଟା । ସେମାନେ ଚାଲିବାକୁ ଲାଗିଲେ । ପ୍ରାଣ ନେଇ ଖୁବ୍ ଶୀଘ୍ର ପଳାଇ ଯିବାକୁ ହେବ ।

ସେମାନେ ଯେତେବେଳେ ୮୦୦ ଫୁଟ ଉଚ୍ଚକୁ ଉଠି ଆସିଛନ୍ତି, ଏହି ସମୟରେ ଭୋରର ଆଲୁଅ ଦେଖାଗଲା । କୁହୁଡ଼ି ଯୋଗୁଁ ଦୂରରୁ କିଛି ସେତେବେଳେ ଦେଖାଯାଉ ନଥିଲା ।

Digitized by srujanika@gmail.com

କ୍ଲାନ୍ତରେ ସମସ୍ତଙ୍କ ଦେହ ଅବଶ ହୋଇ ଆସୁଛି— ତେବେ ବି ଗୁଳିଛନ୍ତି ସେମାନେ ।

ସୂର୍ଯ୍ୟ ଉଇଁବାରୁ କୁହୁଡ଼ି କଟିଗଲା । ଆଉ ସେଇ ମୁହୂର୍ତ୍ତରେ ସେମାନେ ଶୁଣିବାକୁ ପାଇଲେ କୋଳାହଳ । ଅନାଇ ଦେଖିଲେ, ଚଳେ ହ୍ରଦ କୂଳରେ ଶହ ଶହ ମାଓପନ୍ଥୀ ମାରାତ୍ମକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଉଠି ଆସୁଛନ୍ତି ଉପରକୁ । ବିରାଟ ଚିତ୍କାର କରି ମେଦିନୀ କମ୍ପାଇ ଛୁଟି ଆସୁଛନ୍ତି ସମସ୍ତେ । ସେମାନଙ୍କ ଠେଇ ପାଇ ଯାଇଛନ୍ତି ତା'ହେଲେ ।

ଗୁଳି—ଗୁଳି—ଆହୁରି ଜୋରରେ—ଆହୁରି—ନହେଲେ ରକ୍ଷା ନାହିଁ । ସେମାନଙ୍କ ହାତରେ ଧରା ପଡ଼ିଲେ, ଖଣ୍ଡ ଖଣ୍ଡ କରି କଞ୍ଚା ଖାଇଦେବେ ସେମାନେ ।

ସେମାନେ ଉଠୁଛନ୍ତି—ପଛରୁ ପଙ୍ଗପାଳ ପରି ଆଗେଇ ଆସୁଛନ୍ତି ମାଓପନ୍ଥୀମାନେ । ଆଉ ଉପାୟ ନାହିଁ । ଈଶ୍ୱରଙ୍କୁ ଡାକ । ସେମାନେ ଯେଉଁ ପରି ଗତିରେ ଆସୁଛନ୍ତି, କେତେ ମିନିଟ୍ ମଧ୍ୟରେ ଏଇ କ୍ଲାନ୍ତ ଦଳକୁ ନିଶ୍ଚୟ ଧରି ପକାଇବେ ।

Digitized by srujanika@gmail.com

—ନଅ—

ସେମାନେ ପ୍ରାୟ ଆଠ ଶହ ଫୁଟ ଉଠି ଆସିଛନ୍ତି, ଜଙ୍ଗଲୀ-ମାନେ ପାଞ୍ଚ ଶହ ଫୁଟ—ଏପରି ସମୟରେ ମେଜର ଓଚ୍କୁ ଫେରି ଚିତ୍କାର କରି ଉଠିଲେ, ଦେଖନ୍ତୁ, ଲର୍ଡ ଦେଖନ୍ତୁ !

ସମସ୍ତେ ଫେରି ଚାହିଁ ଦେଖିଲେ ସେଇ ଚଳନ୍ତ ହିଂସ୍ର ଜଙ୍ଗଲ ମାଉରିମାନେ ହଠାତ୍ ଠିଆ ହୋଇ ପଡ଼ିଛନ୍ତି । ଆଗକୁ ଆଗଉ ନାହାନ୍ତି । କଣ ହେଲା ? ସେଠାରେ ଠିଆହୋଇ ସେମାନେ ଉନ୍ମାଦ ପରି ଚିତ୍କାର କରୁଛନ୍ତି । ଆଉ ପାଦ ହାତ ହଲାଇ ବୀଭତ୍ସ ଚିତ୍କାର କରୁଛନ୍ତି ସେମାନଙ୍କ ଆଡ଼େ ଚାହିଁ । ଘଟଣା କ'ଣ ପ୍ରଥମେ କିଛି ବୁଝି ହେଲାନି ।

ଶେଷରେ ଜନ୍ ମ୍ୟାଙ୍ଗଲସ ଆନନ୍ଦରେ ଚିତ୍କାର କରି ଉଠିଲେ, ଆରେ ଏଇଟା ପରା ମାନ୍ଗାନାମୁ ପାହାଡ । କାପଟେଟିର ସମାଧି ସ୍ଥଳ । ଏଠାରେ 'ଟେବୁ' ଅଛି । ମାଉରିମାନେ ବଞ୍ଚି ଥାଉ ଥାଉ ସ୍ଥାଡେ ଆସିବେନି ।

Digitized by srujanika@gmail.com

ଓଃ ଭଗବାନ ! ବଞ୍ଚିଗଲ ମଣିଷ । ଠିକ୍ କଥା, ଏଇ ତ ସମାଧି ମନ୍ଦିର । ସମସ୍ତେ ସମାଧି ମନ୍ଦିର ଆଡ଼କୁ ଅଗେଇଗଲେ । ଲର୍ଡ଼ ଗ୍ଲେନାରଭ୍ୟାନ୍ ଲତାପତର ପର୍ଦ୍ଦା ଠେଲି ମନ୍ଦିରରେ ପଶିଯାଇ ଦୁଇ ପାଦ ପଛେଇ ଆସିଲେ ।

ଭିତରେ ଗୋଟାଏ ଜଙ୍ଗଲି ବସିଛି ।

ସମସ୍ତେ ସତର୍କ ହୋଇ ଲତାପତର ପର୍ଦ୍ଦା ଟେକି ଦେଖିଲେ ଲତାପତର ପୋଷାକ ପିନ୍ଧି ଗୋଟାଏ ଲୋକ ସତରେ ବସିଛି ସେଠାରେ । ଅନ୍ଧାରରେ କିଛି ବୁଝି ହେଉନାହିଁ । ମାଓରିମାନଙ୍କର ତ ଏଠାକୁ ଆସିବା ମନା, ତେବେ ଏଇଟା ଆସିଲା କିପରି ?

ତୁମେ କିଏ ? ସମସ୍ତେ ଚିତ୍କାର କରି ଉଠିଲେ, ହାତ ଟେକି ଠିଆ ହୁଅ, ନଚେତ୍—

ଭୟ କର ନାହିଁ—ପରିଚିତ କଣ୍ଠରେ ଲୋକଟା କହି-ଉଠିଲା – ଆସନ୍ତୁ, ଖାଦ୍ୟ ପ୍ରସ୍ତୁତ ।

ଆରେ ପ୍ୟାଗାନେଲ ଯେ ! ତୁମେ ଏଠିକି କିପରି ଆସିଲ ? ଆଶ୍ଚର୍ଯ୍ୟ !

ପ୍ୟାଗାନେଲ ଜଣାଇଲା, ସେ ବି ସୁଯୋଗ ଦେଖି ପାହାଡ଼ ଠାରୁ ପଳାଇ ଆସିଲା । କିନ୍ତୁ ଆଜି ଜଣେ ସର୍ଦ୍ଦାରର ହାତରେ ଧରା ପଡ଼ିଗଲା । ସେହି ତାକୁ ବନ୍ଦୀ କରି ରଖିଲା । କିନ୍ତୁ ସୁଯୋଗ ପାଇ ସେଠାରୁ ବି ଖସି ଆସି କାଉଣ୍ଟେଟିର ସମାଧି ମନ୍ଦିର 'ଟେବୁ' ରକ୍ଷିତ ଏଇ ପାହାଡ଼ରେ ଆସି ପହଞ୍ଚିଛି । ସେ ଜାଣେ ଯାଡ଼େ ମାଓରିମାନେ

Digitized by srujanika@gmail.com

ଆସିବେ ନାହିଁ । ସୁତରାଂ ବେଶ ଆବମରେ ଅଛୁ । ମୃତମାନଙ୍କ ପାଇଁ ରଖାଯାଇଥିବା ଅଜସ୍ର ଖାଦ୍ୟ ପାମାସୂରେ ବେଶ ମଉଜରେ ଦିନ କଟାଉଛୁ ।

ସମସ୍ତେ ସ୍ୱସ୍ତିର ନିଃଶ୍ୱାସ ଗୁଡ଼ ଖାଇ ପିଇ ଟିକଏ ସୁସ୍ଥ ହେଲେ ।

ତଳକୁ ଅନାଇଁ ଦେଖିଲେ, ମାଉଗ୍ରମାନେ—ସେଠାରେ ଠିଆ ହୋଇଛନ୍ତି । ଠିଆ ହୋଇଥାନ୍ତୁ, କେଁତ ଦିନ ରହିବେ ଦେଖା-ଯାଉ । ଏଟିକି ତ ଆସି ମାରିବେନି !

ପାହାଡ଼ଉ ସେ ଦିନଟା କଟିଗଲା, ସେ ରାତି ବି ଗଲା । କିନ୍ତୁ ଏପରି ଭାବରେ ତ ସବୁଦିନ ରହି ହେବ ନାହିଁ ! ଖାଇବା ଜିନିଷ ଯାହା ଅଛି ସେଥିରେ ଖୁବ ବେଶୀ ହେଲେ ପନ୍ଦର ଦିନ ଚଳି-ଯିବ । କିନ୍ତୁ ତା ପରେ ? ସୁତରାଂ ସେମାନେ ପଳାୟନର ଚିନ୍ତା କରିବାକୁ ଲାଗିଲେ ।

ଦିନ୍ଦ୍ୱୟ ଦିନ ରାତିରେ ପାହାଡ଼ର ପଛ ଭାଗ ଦେଇ ପଳାଇ ଯିବାର ଚେଷ୍ଟା କରି ଦେଖାଗଲା ମାଉଗ୍ରମାନେ ଧମାଧମ ଗୁଳି ଗୁଡ଼ୁଛନ୍ତି । ସାଇଁ ସାଇଁ ହୋଇ ମୁଣ୍ଡ ଉପର ଦେଇ ଗୁଳି ଯାଉଛି । କିନ୍ତୁ ଭାଗ୍ୟକୁ କାହା ଦେହରେ ବାଜିଲା ନାହିଁ । ଫେରି ଆସିବାକୁ ହେଲା । ନା, ପଳାଇବା ମୁସ୍କିଲ । ହୁଏତ ଏଠାରେ କାଗଟେଟିର ସମାଧି ପାଖରେ ଉପାସରେ ମରିବାକୁ ହେବ ।

ଆଉ ଦିନେ କଟିଗଲା । ଜଙ୍ଗଲୀମାନେ କିନ୍ତୁ ସେମାନଙ୍କ ସ୍ଥାନରୁ ଟିକଏ ସୁଦ୍ଧା ହଲଚଲ ହେଲେନି । ଅସ୍ତ୍ରଶସ୍ତ୍ର ନେଇ ପ୍ରାୟ ଦୁଇ ଶହ ଲୋକ ଗୃହିଁ ବସିଛନ୍ତି ସେଠାରେ ।

Digitized by srujanika@gmail.com

ଅନେକ ଆଲାପ, ଆଲୋଚନା, ଫନ୍ଦିଫିକର କରାଗଲା, କିନ୍ତୁ ପଳାଇବାର କୌଣସି ବାଟ ଦେଖାଗଲାନି ।

ଚତୁର୍ଥ ଦିନ ପ୍ୟାଗାନେଲ ଚିତ୍କାର କରି ଉଠିଲା, ପାଇଛି !

କଣ ପାଇଛ ? ସମସ୍ତେ ବିସ୍ମିତ ହୋଇ ପ୍ରଶ୍ନ କଲେ ।

ପଳାଇବାର ବାଟ । ପ୍ୟାଗାନେଲ ଗମ୍ଭୀର ଭାବରେ କହିଲା । ତାପରେ ସେମାନଙ୍କୁ ଗୋଟାଏ ସ୍ଥାନ ନେଇ ଦେଖାଇଲା । ଏଇ ସ୍ଥାନଟା ଖୁବ୍ ଗରମ ଲାଗୁ ନାହିଁ ? ପାଦ ରଖିଲେ ପୋଡ଼ି ଯାଉନାହିଁ ?

ହଁ, କଣ ହେଲା ?

ତା'ହେଲେ ଶୁଣନ୍ତୁ । ପ୍ୟାଗାନେଲ ତାର ପ୍ରସ୍ତାବ କହିଲା— ଏ ଅଞ୍ଚଳର ସବୁ ପାହାଡ଼ ଆଗ୍ନେୟଗିରି । ଏଇ ପାହାଡ଼ଟା ବି ସେଥିରୁ ଗୋଟିଏ । ଆମେ ଯଦି ଏଠି ଟିକିଏ ଖୋଳି ପକାଇବା; ଭିତରୁ ଧୂଆଁ, ନିଆଁ ଓ ଲାଭା ବାହାରିବାକୁ ଆରମ୍ଭ କରିବ । ଆମେ ସେଇଆ କରିବା ଚାଲ । ଦୂରରୁ ମାଓରିମାନେ ସେ ଅଗ୍ନ୍ୟୁତ୍ପାତ ଦେଖି ଭାବିବେ, ଆମେମାନେ 'ଟେବୁ' ଅମାନ୍ୟ କରି ଏଇ ପବିତ୍ର ପାହାଡ଼ରେ ପାଦ ଦେଇଛୁ । ତେଣୁ ଭଗବାନଙ୍କ ଅଭିଶାପ ନିଆଁ ହୋଇ ଆମକୁ ପୋଡି ମାରିଛି । ଆମେମାନେ ମରିଗଲୁଣି ଭାବି ସେମାନେ ଚାଲିଯିବେ । ସେତେବେଳେ ବେଶ୍ ସହଜରେ ପଛବାଟ ଦେଇ ପଳାଇ ଯାଇହେବ ।

ଚମତ୍କାର ପ୍ରସ୍ତାବ । ଜନ ମ୍ୟାଙ୍ଗ୍ଲସ ଖୁସି ହେଲା । ତୁମ ମୁଣ୍ଡରେ କିଛି ବୁଦ୍ଧି ଅଛି ନିଶ୍ଚୟ ! ସାବାସ !

Digitized by srujanika@gmail.com

ଗମ୍ଭୀର କଣ୍ଠରେ ଲର୍ଡ଼ ଗ୍ଲେନାରଭ୍ୟାନ କହିଲେ, କିନ୍ତୁ ସତରେ ଯଦି ସେ ଅଗ୍ନ୍ୟୁତ୍ପାତରେ ଆମେ ମରୁ ?

ସେଥିପାଇଁ ସାବଧାନ ହେବାକୁ ପଡ଼ିବ—ପ୍ୟାଗାନେଲ କହିଲେ, ଆମେ ସମାଧି ମନ୍ଦିର ପାଖରେ ପଥରରେ ଗୋଟିଏ କାନ୍ଥ କରିଦେବା । ଆଉ ଗାତଟା ଏପରି ଭାବରେ ଖୋଳିବା ଯେ ଯେଉଁ-ଥିରେ ଏହି ମାଓରୀମାନେ ଯେଉଁ ଆଡ଼କୁ ଠିଆ ହୋଇଛନ୍ତି, ସେହି ଆଡ଼କୁ ଲାଭାସ୍ରୋତ ବୋହି ଚାଲିବ ।

ସେଇଆ ହେଲା— ଦିନସାରା ଲାଗି ସେମାନେ ଉତ୍ସାହ ସହ ଆୟୋଜନରେ ଲାଗିଗଲେ । ସନ୍ଧ୍ୟା ହେବା ମାତ୍ରେ ଅତି ସନ୍ତ-ର୍ପଣରେ ଗାତ ଖୋଳିଲେ । କିଛି ସମୟ ପରେ ଭସ୍ କରି ପ୍ରଥମେ ବାହାରିଲା ଅଳ୍ପ କିଛି ଗରମ ଧୂଆଁ । ମୁହୂର୍ତ୍ତକ ଭିତରେ ସେମାନେ ଡେଇଁପଡ଼ି ସେଠାରୁ ହଟି ଆସି ନଥିଲେ ଦେହ ପୋଡ଼ି ଯାଇ-ଥାଆନ୍ତା । ତା'ପରେ ସେଇ ଗାତ ମୁହଁରୁ ବାହାରିଲା ଝକ୍‌ମକ୍ କରି ଫୁଟନ୍ତା ଲାଭା ଓ ତା ସଙ୍ଗେ ସଙ୍ଗେ ଗନ୍ଧକ ନିଆଁ । କ୍ରମେ ତାହା ତିନି ମହଲା ଉଚ୍ଚ ଯାଏ ଉପରକୁ ଉଠିଲା—ତା'ପରେ ଗଡ଼ିଚାଲିଲା ମାଓରୀମାନେ ରହିଥିବା ପାହାଡ଼ ତଳକୁ । ତା'ପରେ ଭୟଙ୍କର ଗଣ୍ଡଗୋଳ ଓ ଚିତ୍କାର ଶୁଣାଗଲା । ମାଓରୀମାନଙ୍କ ଆଡ଼ୁ । ଆକାଶ ଓ ଆଖପାଖର ଅନେକ ସ୍ଥାନ ଆଲୋକିତ ହୋଇ ଉଠିଲା । ସେଇ ଆଲୁଅରେ ଦେଖାଗଲା ମାଓରୀମାନେ ଯେଉଁ ଆଡ଼େ ପାରନ୍ତି, ସେଇଆଡ଼େ ଦଉଡ଼ିବାରେ ଲାଗିଛନ୍ତି । ଗୋଟାଏ ବିକଟ ସମ୍ମିଳିତ ଚିତ୍କାର ଶୁଣାଯାଉଛି ।

Digitized by srujanika@gmail.com

ସେମାନେ ସମସ୍ତେ, ସମାଧି ମନ୍ଦିର ମଧ୍ୟରେ ଲୁଚି ରହିଲେ । ନିସ୍ତବ୍ଧ ରାତ୍ରିକୁ ମଚକଚ କରି ଭୟାବହ ଗର୍ଜ୍ଜନ ସହ ଅଗ୍ନ୍ୟୁତ୍ପାତ ହେଲା । ସମସ୍ତ ଥରିବାକୁ ଲାଗିଲା । ଶେଷରେ ଦେଖାଗଲା ମାଓରୀ-ମାନେ ସବୁ ପଳାଇଛନ୍ତି । ସେତେବେଳେ ସେମାନେ ଧୀରେ ଧୀରେ ପାହାଡ଼ ପଛବାଟ ଦେଇ ବିପରୀତ ଦିଗରେ ଥିବା ସମତଳକୁ ଓହ୍ଲାଇ ଆସିଲେ ।

ପୁଣି ଯାତ୍ରା ଆରମ୍ଭ ହେଲା । ନିଘଞ୍ଚ ଗହନ ବନରେ ପଥ ଚଲା । ଉପାୟ ନାହିଁ; ପ୍ରାଣ ବଞ୍ଚାଇବାକୁ ହେଲେ ଏଇୟା କରି-ବାକୁ ହେବ । ସାରା ରାତି ଜୋରରେ ଚାଲି ଚାଲି ସେମାନେ ପ୍ରାୟ ଦଶ ମାଇଲ ବାଟ ଚାଲି ଆସିଲେ ।

ଫ୍ୟାଗାନେଲ୍ ହେଲା ପଥପ୍ରଦର୍ଶକ । ମାନଚିତ୍ର ଦେଖି ସେ କ୍ରମଶଃ ଦଳଟାକୁ ସମୁଦ୍ର କୂଳ ଆଡ଼କୁ ଆଗେଇ ନେବାକୁ ଲାଗିଲା । କେବଳ ସମୁଦ୍ର ଧାଇଗଲେ ବାଟଚଲା ସହଜ ହେବ । ନଚେତ୍ ବଣଜଙ୍ଗଲ ପାହାଡ଼ ପର୍ବତରେ ଦିଗ ଠିକ୍ କରିବା କଷ୍ଟକର ।

କେତେ ଦିନ ମଧ୍ୟରେ ଦିନେ ନୀଳ ସମୁଦ୍ରର ଥଣ୍ଡା କୂଳକୁ ଆସି ସେମାନେ ଯେପରି ବଞ୍ଚିଗଲେ ।

ଏଥର କୂଳେ କୂଳେ ଇଂରେଜ ଘାଟି ବା ଅକ୍ଲାଣ୍ଡ ଆଡ଼କୁ ଯିବାକୁ ହେବ ।

Digitized by srujanika@gmail.com

—ଦଶ—

କିନ୍ତୁ ଭାଗ୍ୟରେ ହରିବାଣ ହେବାର ଯୋଗ ଥିଲେ, ତାକୁ ଏଡ଼ାଇ ଯିବାକୁ ସାଧ୍ୟ କାହାର ?

ସେମାନେ କୂଳେ କୂଳେ ଆଗଉଛନ୍ତି, ଏପରି ସମୟରେ ହଠାତ୍ ଦେଖିପାରିଲେ ଜଙ୍ଗଲ ମଧ୍ୟରୁ କେତେଗୁଡ଼ାଏ ମାଙ୍କଡ଼ ଛୁରାଛୁରି ଓ ବନ୍ଧୁକ ଧରି ଆକ୍ରମଣ କରିବାକୁ ଆଗେଇ ଆସୁଛନ୍ତି ।

ସେମାନେ ଭୂତ ଦେଖିବା ପରି କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଠିଆ ହୋଇ ରହିଲେ । ଏଇ ସମୟରେ ଉଇଲ୍‌ସନ ଚିତ୍କାର କରି କହିଲ, ଶୀଘ୍ର ଚାଲ । ହେଇଟି କେତେଗୁଡାଏ ନୌକା ଦେଖା ଯାଉଛି ।

କାଳ ବିଳମ୍ବ ନ କରି ସେମାନେ ଦୌଡ଼ି ଯାଇ ସେଇ ଜଙ୍ଗଲୀମାନଙ୍କର ଗୋଟିଏ ନୌକାରେ ଚଢିଗଲେ ଓ ଖୁବ୍ ଜୋରରେ ନୌକା ଚଳାଇବାକୁ ଲଗିଲେ । ଚାରି ପାଞ୍ଚ ଜଣ ଲଗି ପଡ଼ି ଆହୁଲା ମାରି କିଛି ସମୟ ମଧ୍ୟରେ ସମୁଦ୍ର ଭିତରକୁ ଚାଲିଗଲେ । ଭୟରେ ସମସ୍ତେ କମ୍ପୁଥାନ୍ତି । ଦେହ ଆଉ କଷ୍ଟ ସହିପାରୁନ ।

Digitized by srujanika@gmail.com

ଏଆଡ଼େ ମାଉରୀମାନେ ମଧ୍ୟ ଆଉ ଗୋଟିଏ ନୌକାରେ ସେମାନଙ୍କୁ ଗୋଡ଼ାଇବାକୁ ଲାଗିଲେ ।

ଜୋରରେ ଚଲାଅ, ଲର୍ଡ ଚିତ୍କାର କରି କହିଲେ ।

ନୌକା ଚାଲିବାକୁ ଲାଗିଲା । କିନ୍ତୁ କେତେ ସମୟ ଏପରି ଭାବରେ ଚଳାଇବେ ? ଆଉ ନୌକା ସାହାଯ୍ୟରେ ସମୁଦ୍ରରେ କେତେ ଦୂର ବା ଯାଇହେବ ? ଗଲେ ବି ଝଡବେଳେ ପାଣିରେ ବୁଡି ମରିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ ।

ଜଙ୍ଗଲୀମାନେ କ୍ରମେ କ୍ରମେ ସେମାନଙ୍କ ନିକଟକୁ ଆଗେଇ ଆସୁଛନ୍ତି । ପାଖେଇ ଆସି ମାଉରୀମାନେ ଗୁଳି ମାରିବାକୁ ଲାଗିଲେ । ଦୂରତ୍ୱ ଯୋଗୁଁ ଗୁଳି ଦେହରେ ବାଜିଲା ନାହିଁ ସତ, କିନ୍ତୁ ଆଉ କେତେ ସମୟ ?

ଜାହାଜ ! କିଏ ଯେପରି ଚିତ୍କାର କରି ଉଠିଲା, ଗୋଟାଏ ଜାହାଜ ।

ସମସ୍ତେ ସମୁଦ୍ରଆଡେ ଚାହିଁ ଦେଖିଲେ ସତରେ ଗୋଟିଏ ଜାହାଜ ସେମାନଙ୍କ ଆଡକୁ ଆସୁଛି ।

ଜୋରରେ ଚଳାଅ—ଜାହାଜଟା ଧରିବା ଦରକାର । ଲର୍ଡ ଚିତ୍କାର କରି ଆଦେଶ ଦେଲେ ।

ସେପଟେ ଜଙ୍ଗଲୀମାନେ ପ୍ରାୟ ପାଖକୁ ଆସି ଯାଇଛନ୍ତି । ଉଭୟ ଆଡ଼େ ବିପଦ । ଏଇ ଜାହାଜଟା ଯଦି ଡନ୍‌କାନ୍ ହୋଇଥାଏ ! ନା, ସେଇଟା ତ ଜଳଦସ୍ୟୁ କପ୍ତାନମାନଙ୍କ କବଳରେ ।

Digitized by srujanika@gmail.com

ସେମାନଙ୍କୁ ପାଇଲେ ନିଶ୍ଚୟ ମାରି ପକାଇବେ । ଯାହା ଥିବ ଭାଗ୍ୟରେ । ନିଶ୍ଚିତ ମରଣଠାରୁ ଅନିଶ୍ଚିତ ମରଣ ହାତରେ ପଡ଼ିବା ଢ଼େର ଭଲ । ପ୍ରାଣପଣେ ନୌକା ଚଳାଇବାକୁ ଲାଗିଲେ ସେମାନେ ।

ଏଇ ସମୟରେ ଗୋଟିଏ ଅଦ୍ଭୁତ କାଣ୍ଡ ଘଟିଲା । ଜାହାଜରୁ ବିକଟ ଗର୍ଜ୍ଜନ ସହ କେତେ ଥର ଦୁମ୍ ଦୁମ୍ କରି କମାଣ ଫୁଟିଲା । ଦେଖାଗଲା, ସେଗୁଡ଼ିକ ଯାଇ ଜଙ୍ଗଲୀମାନଙ୍କ ନୌକାଗୁଡ଼ିକୁ ଆଘାତ କରୁଛି । ସଙ୍ଗେ ସଙ୍ଗେ ଜଙ୍ଗଲୀମାନଙ୍କ ନୌକାଗୁଡ଼ିକ ବୁଡ଼ିଗଲା । ଆଉ ଯେଉଁ ସବୁ ଜଙ୍ଗଲୀ ନ ମରି ସେତେବେଳେ ଯାଏ ବଞ୍ଚି ରହି-ଥିଲେ, ସେମାନେ ପହଁରି ପହଁରି କୂଳ ଆଡ଼କୁ ପଳାଇବାକୁ ଲାଗିଲେ ।

କି ଅଦ୍ଭୁତ ଘଟଣା ! ଜଳଦସ୍ୟୁମାନଙ୍କର ଏତେ ଦୟା ! ସମସ୍ତେ ଅବାକ୍ ହେଲେ । କେତେ ମିନିଟ୍ ମଧ୍ୟରେ ଜାହାଜ ପାଖକୁ ଆସିଗଲା । ଲର୍ଡ଼ ଚିହ୍ନିଲେ ଏଇଟା ତାଙ୍କର ଜାହାଜ ଡନ୍‌କାନ୍ । କିନ୍ତୁ ଡେକ୍ ଉପରେ କିଏ ଠିଆ ହୋଇଛି ? ସେକେଣ୍ଡ କ୍ୟାପଟେନ୍ ଟମ୍ ନୁହେଁ ତ ? ହଁ, ସେଇ ।

ଆଶ୍ଚର୍ଯ୍ୟ ହେବାର ସମୟ ନାହିଁ ସେତେବେଳକୁ । ଜାହାଜ ପାଖକୁ ଆସି ସିଢ଼ି ଓହ୍ଲାଇ ସେମାନଙ୍କୁ ନୌକାରୁ ଉପରକୁ ଉଠାଇନେଲା ।

କିନ୍ତୁ କାହାନ୍ତି ଜଳଦସ୍ୟୁ ? ଏଠାରେ ତ କେହି ନାହାନ୍ତି ? ସମସ୍ତେ ଲର୍ଡ ଗ୍ଲେନାରଭ୍ୟାନଙ୍କ ନିଜ ଲୋକ—ଆଜି ତାଙ୍କ ସହକାରୀ ଟମ୍ ପରିଚାଳନା କରୁଛି ଜାହାଜକୁ ।

Digitized by srujanika@gmail.com

ଘଟଣା କଣ ଟମ୍ ? ଲର୍ଡ଼ ବିସ୍ମୟରେ ବେଶୀ କିଛି କହି ପାରିଲେନି । କିଛି ସେ ବୁଝିପାରୁ ନାହାନ୍ତି । ତୁମେ ନଭିକଲ୍ୟାଣ୍ଡ ଉପକୂଳକୁ ବା ଆସିଲ କପରି ?

ସବୁ କଥା ପରେ କହିବି ଲର୍ଡ, ଟମ୍ ଅଳ୍ପ ହସି କହିଲା, ଏବେ ଚାଲନ୍ତୁ, ଖାଇସାରି ବିଶ୍ରାମ ନେବେ ।

ଖିଆପିଆ ସରିବା ପରେ ଲର୍ଡ଼ ଗ୍ଲେନାରଭ୍ୟାନ୍ ଟମ୍‌କୁ ପଚାରିଲେ, କଏଦୀମାନଙ୍କୁ କଣ କଲ ତୁମେ ?

କଏଦୀ ? କଏଦୀ ଆସିବେ କୁଆଡୁ ? ବିସ୍ମିତ ହୋଇ ଟମ୍ ଉତ୍ତର ଦେଲା ।

ଜଳଦସ୍ୟୁ କଏଦୀମାନେ ସବୁ ଏ ଜାହାଜକୁ ଦଖଲ କରି ନେଇଥିଲେ ?

ତା'ହେଲେ ତ ସେମାନଙ୍କୁ ଏ ଜାହାଜରେ ଦେଖିବାକୁ ପାଇଥାଆନ୍ତେ ଆପଣ ।

ଆଶ୍ଚର୍ଯ୍ୟ ! ତୁମେ ତା'ହେଲେ ନଭିକଲ୍ୟାଣ୍ଡ ଉପକୂଳରେ କଣ କରୁଥିଲ ?

ଆପଣଙ୍କ ଆଦେଶରେ ମୁଁ ବୁଲୁଥିଲି । ଆପଣ ସବୁ ଚିଠି ଲେଖି ଏଇ ଆଦେଶ ଦେଇଥିଲେ ?

ମୋର ସେ ଚିଠି ତା'ହେଲେ ତୁମେ ପାଇଛ ? ସେଥିରେ ତ ଲେଖାଥିଲି ଅଷ୍ଟ୍ରେଲିଆ ଉପକୂଳରେ ବୁଲିବା ପାଇଁ ।

Digitized by srujanika@gmail.com

ଅଷ୍ଟ୍ରେଲିଆ ନୁହେଁ, ସେଥିରେ ନିଉଜିଲାଣ୍ଡ କଥା ଲେଖା ଥିଲା ।

କି ଆଶ୍ଚର୍ଯ୍ୟ, ତମକୁ ଚିଠିଟି କିଏ ଦେଇଥିଲା ? କଏେଦି-ମାନଙ୍କ ଜଣେ ସର୍ଦ୍ଦାର ଜେମ୍ ଜୟେସ୍ ତ ?

ନା, ଚିଠି ଆଣିଥିଲେ ବ୍ରିଟାନିଆ ଜାହାଜର କୋୟାଟର ମାଷ୍ଟର ଆଇରନଟନ୍ ।

ଆଇରନ୍ଟନ୍ ! ସେ କେଉଁଠି ଅଛନ୍ତି ?

ତାଙ୍କୁ ବନ୍ଦୀ କରି ରଖିଛୁ ଏଇ ଜାହାଜରେ । ବର୍ତ୍ତମାନ ନେଇ ଆସୁଛୁ । ଆଜ ଚିଠିଟି ଦେଖନ୍ତୁ—କହି ଟମ୍ ଚିଠିଟି ଦେଖାଇଲା । ସେଥିରେ ପ୍ରକୃତରେ ଗ୍ଲେନାରଭ୍ୟାନଙ୍କ ପକ୍ଷରୁ ପ୍ୟାଗାନେଲର ହାତଲେଖା ରହିଛି 'ତୁମେ ଅବିଳମ୍ବେ ନିଉଜିଲାଣ୍ଡର ଉପକୂଳରେ ଯାଉଥିବ । ଇତି'—ତା'ପରେ ଲର୍ଡଙ୍କ ଦସ୍ତଖତ ।

ସମସ୍ତେ ବିସ୍ମିତ ହେଲେ । ଆଶ୍ଚର୍ଯ୍ୟ ଭୁଲ । ଲର୍ଡ କହିଥିଲେ ଅଷ୍ଟ୍ରେଲିଆ କିନ୍ତୁ ପ୍ୟାଗାନେଲ ଭୁଲରେ ନିଉଜିଲାଣ୍ଡ ବୋଲି ଲେଖି ଦେଇଛି । ଲଜ୍ଜାରେ ପ୍ୟାଗାନେଲ ମୁଣ୍ଡ ତଳକୁ କଲା । ତାର ଏଇ ଅନିଚ୍ଛାକୃତ ଭୁଲ ପାଇଁ କିନ୍ତୁ ସମସ୍ତେ ତାକୁ ଧନ୍ୟବାଦ ଦେଲେ । ଯଦି ସେ ଏ ଭୁଲ୍ କରି ନ ଥାନ୍ତା ତା ହେଲେ ଏ ଜାହାଜ ଏଠାରେ ନ ଥାନ୍ତା । ଆଉ ସେମାନଙ୍କର ହୁଏତ ମୃତ୍ୟୁ ବରଣ କରିବା ଛଡ଼ା ଅନ୍ୟ ଉପାୟ ନ ଥାନ୍ତା ।

ଟମ୍ ମୁହଁରୁ ଶୁଣାଗଲା ଯେ ଆଇରନ୍ଟନ୍ ଚିଠିଟା ଦେବା ମାତ୍ରେ ସେ ଜାହାଜ ନିଉଜିଲ୍ୟାଣ୍ଡ ଦିଗରେ ଚଳାଇ ଆଣିଲା ।

Digitized by srujanika@gmail.com

ଏଥିରେ ପ୍ରଥମେ ଆଶ୍ଚର୍ଯ୍ୟ ହେଲା ଆଇରନ୍ ଟନ୍ । କାହିଁକି ନା ସେ ଜାଣେ ଚିଠିରେ ଲେଖା ଅଛି ଅଷ୍ଟ୍ରେଲିଆ ଉପକୂଳର କଥା । ପ୍ରଥମେ ସେ ପ୍ରତିବାଦ କଲା – ତାପରେ ଝଗଡ଼ା – ଶେଷରେ ଯେତେବେଳେ ଜାହାଜର ଲୋକମାନଙ୍କ ମଧ୍ୟରେ ବିଦ୍ରୋହ କରିବା ପାଇଁ ଚେଷ୍ଟା କଲା, ସେତେବେଳେ ଟମ୍ର ସନ୍ଦେହ ହେଲା ଏବଂ ସେ ତାକୁ ଗୋଟାଏ କାବିନରେ ବନ୍ଦୀ କରି ରଖିଲା ।

ଏହା ଶୁଣି ସମସ୍ତେ ବିସ୍ମିତ ହେଲେ । ଘଟଣାର କି ବିଚିତ୍ର ଗତି ! ଲେଖାର ଟିକିଏ ଭୁଲ ଯୋଗୁଁ ସମସ୍ତଙ୍କର ପ୍ରାଣ ରକ୍ଷାଗଲା । ଜାହାଜଟି ବି ବଞ୍ଚିଗଲା । ଆଇରନ୍ଟନ୍ର ସବୁ ଚକ୍ରାନ୍ତ ବ୍ୟର୍ଥ ହୋଇଛି । ଏବେ ଦେଖାଯାଉ ଆଇରନ୍ଟନ୍ ଓ ଜେମ ଜୟେସ୍ ଏକ ବ୍ୟକ୍ତି ହେଲେ କିପରି ?

Digitized by srujanika@gmail.com

—ଏଗାର—

ଆଇରନ୍‌ଟନ୍‌କୁ ଅଣାହେଲା ।

ଲର୍ଡ଼ ଗ୍ଲେନାରଭ୍ୟାନ୍ ଅଳ୍ପ ହସି କହିଲେ, ପୁଣି ଦେଖା ହେଲା ଆମର ଏଇ ଜାହାଜରେ—ଯେଉଁଟାକୁ କି ତୁମେ କଏଦୀ-ମାନଙ୍କ ହାତରେ ଦେଇ ଦେବାକୁ ଚାହିଁଥିଲ । ତୁମର କଣ କିଛି କହିବାର ଅଛି ?

ଆଇରନ୍‌ଟନ୍ ମୁଣ୍ଡ ତଳକୁ କରି ରହିଲା । ଲଜ୍ଜାରେ ମୁହଁ ନାଲି ହୋଇଗଲା । ତା'ପରେ ଧୀରେ ଧୀରେ କହିଲା, ନା ଲର୍ଡ଼, ମୋର କିଛି କହିବାର ନାହିଁ ।

ଆଉ କୌଣସି କଥା ତା ମୁହଁରୁ ବାହାର କରାଯାଇ ପାରିଲାନି । ଯାହା ପଚରାଗଲା, ତାର ଉତ୍ତରରେ ସେ କେବଳ କହିଲା, ନା, ଜାଣେ ନା । ଲର୍ଡ଼ କ୍ୟାପ୍‌ଟେନ ଗ୍ରାଣ୍ଟଙ୍କ ସମ୍ବନ୍ଧରେ ଜାଣିବା ପାଇଁ ଚେଷ୍ଟା କଲେ । କିନ୍ତୁ ତା ଠାରୁ କୌଣସି କଥା ଆଦାୟ କରାଯାଇ ପାରିଲା ନାହିଁ ।

Digitized by srujanika@gmail.com

ଆଇରନ୍‌ଟନ୍ ଉତ୍ତର ଦେଲ, ମୋତେ ମାର ପକାନ୍ତୁ, କାଟି ପକାନ୍ତୁ, ତେବେବ କୌଣସି କଥା ମୁଁ କହିବ ନାହିଁ ।

ବିରକ୍ତ ହୋଇ ଆଇରନ୍‌ଟନ୍‌କୁ ପୁଣି ତା କେବିନକୁ ପଠାଇ ଦିଆଗଲ ।

ଅନେକ କିଛି ଭାଗ୍ୟରେ ଥିଲ । ସବୁ ହେଲ । ଆଉ କାହିଁକି ? ଚାଲ, ଏଥର ଦେଶକୁ ଫେରିଯିବା । କ୍ୟାପଟେନ୍ ଗ୍ରାଣ୍ଟ ଆଉ ହୁଏତ ଜୀବନରେ ନାହାନ୍ତି ।

ଜାହାଜ ଚାଲିବାକୁ ଲଗିଲ । ।

ସମସ୍ତେ ନିସ୍ତବ୍ଧ । କିନ୍ତୁ ମନଟା କ୍ୟାପ୍‌ଟେନ୍ ଗ୍ରାଣ୍ଟଙ୍କ ପାଇଁ ସର୍ବଦା ଗୋଳେଇ ହେଉଥାଏ । ଆଇରନ୍‌ଟନ୍ ଏପରି ଏକ-ଜିଦିଆ ଲୋକ ଯେ ପଦେ ସୁଦ୍ଧା କଥା ତା ନିକଟରୁ ଆଦାୟ କରାଯାଇ ପାରିଲ୍‌ନି । ଅଥଚ ମନେ ହେଉଛି ସେ ଯେପରି ଅନେକ କିଛି ଜାଣେ ।

ଲେଡ଼ି ହେଲେନା ଓ ମେରି ପ୍ରସ୍ତାବ ଦେଲେ, ପୁରୁଷମାନେ ଯେତେବେଳେ ହାର ମାନିଛନ୍ତି—ଥରେ ସେମାନେ ଚେଷ୍ଟାକରି ଦେଖନ୍ତେ କୌଣସି କଥା ବାହାର କରାଯାଇ ପାରୁଛି କି ନାହିଁ ।

ସେଇୟା ହେଲ । କେବିନ୍‌କୁ ଯାଇ ଦୁଇ ଜଣ ଯାକ ମିଶି ଦୁଇ ଘଣ୍ଟା ଯାଏ ନାନା ପ୍ରକାର ଚେଷ୍ଟା କଲେ, କିନ୍ତୁ ଆଇରନ୍‌ଟନ୍ ପୂର୍ବପରି ଚୁପ୍‌ଚାପ ।

ସ୍ତ୍ରୀମାନେ ଅବଶ୍ୟ ଚେଷ୍ଟା ଛାଡ଼ିଲେ ନାହିଁ । ଆଉ ଦିନେ ବିତିଗଲ ଏବଂ କେତେ ଘଣ୍ଟା ପରେ ବାହାରି ଆସି ଲର୍ଡଙ୍କୁ

Digitized by srujanika@gmail.com

ଜଣାଇଲେ, ସୁସଂବାଦ । ଆଇରନ୍‌ଟନ୍ କହିବାକୁ ରାଜି ହୋଇଛି । ସେ କେବଳ ଲର୍ଡଙ୍କୁ ହିଁ କହିବ, ଆଉ କାହାକୁ ନୁହେଁ ।

ଟିକିଏ ଆଶାର ସଞ୍ଚାର ହେଲା ।

ଲର୍ଡ ତାକୁ ଦେଖିବାକୁ ନେଇଗଲେ ।

ଏଥର କୁହ, କଣ ଜାଣ ?

ତା ଆଗରୁ ମୋତେ ଗୋଟାଏ ପ୍ରତିଶ୍ରୁତି ଦେବାକୁ ହେବ ଲର୍ଡ ।

କଣ କୁହ ?

ମୋତେ ଦେଶକୁ ନେଇଯାଇ ଇଂରେଜ ସରକାରଙ୍କ ହାତରେ ଦେଇ ପାରିବନି । ମତେ ଗୋଟାଏ ନିର୍ଜନ ଦ୍ୱୀପରେ ଓହ୍ଲାଇ ଦେବାକୁ ହେବ ।

ପ୍ରଥମେ ଲର୍ଡ ଏ ପ୍ରସ୍ତାବରେ କୌଣସିମତେ ରାଜି ହେଲେନି । ସେ ଧର୍ମଭୀରୁ ବ୍ୟକ୍ତି । ଅପରାଧୀକୁ ବିନା ବିଚାରରେ; ବିନା ଶାସ୍ତିରେ ଛାଡ଼ି ଦେବାକୁ ରାଜି ନୁହନ୍ତି ସେ । କିନ୍ତୁ ଶେଷରେ କ୍ୟାପଟେନ ଗ୍ରାଣ୍ଟଙ୍କ ଖବର ପାଇବା ଆଶାରେ ରାଜି ହେବାକୁ ହେଲା ।

କିନ୍ତୁ ନିର୍ଜନ ଦ୍ୱୀପରେ ଓହ୍ଲାଇବା ତ ତୁମ ପକ୍ଷରେ ମରିବା ସଙ୍ଗେ ସମାନ ହେବ ! ସେଥିରେ ତୁମେ କଣ କମ୍ ଶାସ୍ତି ପାଇବ ବୋଲି ଭାବୁଛ ?

Digitized by srujanika@gmail.com

ହିଉ ପଡ଼େ । ଆଇରନ୍‌ଟନ୍‌ର ସେଇ ଗୋଟିଏ କଥା, ମୋତେ କୌଣସି ନିର୍ଜ୍ଜନ ଦ୍ୱୀପରେ ଓହ୍ଲାଇ ଦେବାକୁ ହେବ ।

ବେଶ୍, ତାହାହିଁ ହେବ ।

ତା'ହେଲେ ସାକ୍ଷୀ ଡାକନ୍ତୁ ।

ସେଇଆ ହେଲା । ସ୍ୟାଗାନେଲ୍, ଜନ୍ ମ୍ୟାଙ୍ଗ୍‌ଲସ ଓ ମେଜରଙ୍କୁ ଡକାହେଲା । ସମସ୍ତଙ୍କ ଆଗରେ ସ୍ଥିର ହେଲା, ଆଇରନ୍‌ଟନ୍‌ର ଇଚ୍ଛା ଅନୁସାରେ ତାକୁ ଯେ କୌଣସି ଗୋଟାଏ ନିର୍ଜ୍ଜନ ଦ୍ୱୀପରେ ଓହ୍ଲାଇ ଦିଆଯିବ ।

ତା'ପରେ ଆଇରନ୍‌ଟନ୍ କହିଲା ତା ଜୀବନର କାହାଣୀ । ସେ ବ୍ରିଟାନିଆ ଜାହାଜର କୋୟାର୍ଟର ମାଷ୍ଟର ହୋଇ ଅଷ୍ଟ୍ରେଲିଆ ଆସିଲା । କୌଣସି କାରଣରୁ କ୍ୟାପ୍‌ଟେନ୍ ଗ୍ରାଣ୍ଟଙ୍କ ସଙ୍ଗରେ ତାର ମତ ଦ୍ୱୈଧ ହେଲା—ପରେ ହେଲା ତୁମୁଳ ଝଗଡ଼ା । ସେ ବିଦ୍ରୋହ କଲା ଏବଂ କେତେଜଣ ନାବିକଙ୍କୁ ତା ଦଳକୁ ଟାଣିବାକୁ ଚେଷ୍ଟା କଲା । କିନ୍ତୁ କ୍ୟାପଟେନ ଗ୍ରାଣ୍ଟ ଖୁବ କଡ଼ା ଲୋକ । ସେ ତାକୁ ସେ ସୁଯୋଗ ଦେଲେନି । ସଙ୍ଗେ ସଙ୍ଗେ ଟ୍ୱିଫୋଲ୍‌ଡବେ ନିକଟରେ ତାକୁ ଏକାକୀ ଓହ୍ଲାଇ ଦେଇ ଜାହାଜ ନେଇ ଚାଲିଗଲେ । ସେତେବେଳେ ଭୀଷଣ ଅସୁବିଧାରେ ପଡ଼ିଲା ସେ । ଅଷ୍ଟ୍ରେଲିଆ ତାର ବିଦେଶ, ନା ଚିହ୍ନିଛି ରାସ୍ତାଘାଟ, ନା ଅଛି ଚିହ୍ନା ପରିଚୟ କେହି । ଦୁଇ ଦିନ ଅନ୍ଧାହାରରେ ବୁଲାବୁଲି କଲା ପରେ, ଜେଲରୁ ପଳାଇ ଆସିଥିବା ଦଳେ କଏଦୀମାନଙ୍କ ସଙ୍ଗରେ ତାର ସାକ୍ଷାତ ହେଲା । ସେମାନେ ଡକାୟତି ରାହାଜାନି ଓ ନର-

Digitized by srujanika@gmail.com

ହତ୍ୟା କରି ସେ ଅଞ୍ଚଳରେ ବୁଲୁ ଥାଆନ୍ତି । ସେମାନଙ୍କ ଦଳରେ ସେ ଯୋଗ ଦେଲା । ତା'ପରେ ସେମାନଙ୍କ ସର୍ଦ୍ଦାର ହୋଇ ଡକାୟତି ଆରମ୍ଭ କଲା । ସେତେବେଳେ ସେ ତା ନାଁ ବଦଳାଇ ରଖିଲା ଜେମ୍ସ ଜୟେସ୍ ।

ବୁଲୁ ବୁଲୁ ଦିନେ ଯେଉଁ ଫାର୍ମରେ ଲର୍ଡ ଇତ୍ୟାଦି ଯାଇ ପହଞ୍ଚିଥିଲେ ସେଇଠିକି ଗଲା ।

ସେ ସ୍ୱୀକାର କଲା ଯେ ଲର୍ଡଙ୍କ ସଙ୍ଗରେ ପ୍ରଥମ ସାକ୍ଷାତ ହେବା ମାତ୍ରେହିଁ ତା ମନରେ ଏକ ଚକ୍ରାନ୍ତ ଖେଳିଲା । ସେ ମନେ ମନେ ଗୋଟିଏ ଜାହାଜ ହସ୍ତଗତ କରିବା ମତଲବରେ ଥିଲା । ଗୋଟିଏ ଜାହାଜ ପାଇ ପାଇଥିଲେ ସେ ଅନାୟାସରେ ତାର ଦଳବଳ ଧରି ଦସ୍ୟୁଗିରି କରି ମହାନନ୍ଦରେ ଦିନ କାଟି ପାରିଥାନ୍ତା ଏବଂ ପ୍ରୟୋଜନ ମୁତାବକ ଟଙ୍କା ପଇସା ସଂଗ୍ରହ କରିସାରି ଦେଶକୁ ମଧ୍ୟ ଫେରି ଯାଇ ପାରିଥାନ୍ତା । ତେଣୁ ଲର୍ଡଙ୍କ ସଙ୍ଗେ ପରିଚୟ ହେବାମାତ୍ରେ ସେ ତାଙ୍କ ଡ଼ନକାନକୁ ହସ୍ତଗତ କରିବା ପାଇଁ ସ୍ଥିର କଲା ।

ଠିକ୍ କଲା, ଲର୍ଡ ଓ ତାଙ୍କ ସଙ୍ଗୀମାନଙ୍କୁ କ୍ୟାପଟେନ୍ ଗ୍ରାଣ୍ଟଙ୍କ ଜାହାଜ ବୁଡ଼ିବାର କାଳ୍ପନିକ ସ୍ଥାନ ଦେଖାଇବା ଛଳରେ ବଣ ବାଟରେ ଦୂରକୁ ନେଇଯିବ । ସେଇୟା କଲା । ଜଙ୍ଗଲ ମଧ୍ୟରେ ବିଷ ଦେଇ ଘୋଡ଼ଗୁଡ଼ିକୁ ସେ ମାରିଦେଲା । ତା'ପରେ ସେ ଚିଠି ନେଇ ଡ଼ନ୍କାନକୁ ଚାଲିଗଲା । ଦଳର କୟେଦୀମାନଙ୍କୁ କହିଲା ଯେ ସେମାନେ ସମୁଦ୍ରକୂଳରେ ଗୋଟିଏ ସ୍ଥାନରେ ସତର୍କ ହୋଇ ରହିଥାନ୍ତୁ । ଡନ୍କାନକୁ ନେଇ ସେ ସେଠାକୁ ଯାଇ

Digitized by srujanika@gmail.com

ପାରିଲେ ବାଜିମାତ୍ । କିନ୍ତୁ ପ୍ୟାଗାନେଲର ସାମାନ୍ୟ ଭୁଲ ପାଇଁ ତାର ସମସ୍ତ ପରିକଳ୍ପନା ମାଟି ହୋଇଗଲା ।

ତା’ପରର ଘଟଣା ତ ଲର୍ଡ ସବୁ ଜାଣନ୍ତି ।

କିନ୍ତୁ କ୍ୟାପଟେନ୍ ଗ୍ରାଣ୍ଟ୍‌ଙ୍କ କୌଣସି ଖବର ଜାଣ କି ?

ଆଜ୍ଞା ନା । ଆଉ କିଛି ମୁଁ ଜାଣିନି—ଆଇରନ୍ ଟନ୍ କହିଲା, ତଥାପି ମୋର ଯେତେଦୂର ମନେହୁଏ, ଅକ୍‌ଲାଣ୍ଡ ନିକଟରୁ ସେ ନିଉଜିଲାଣ୍ଡ ଆଡ଼କୁ ଯାଉଥିଲେ – ବାଟରେ ଜାହାଜ ବୁଡ଼ି ଯାଇଛି ।

ସମସ୍ତେ ହତାଶ ହେଲେ । କୌଣସି ସଂବାଦ ମିଳିଲାନି ।

ଜାହାଜ ଫେରିବାକୁ ଲାଗିଲା ।

ବର୍ତ୍ତମାନ ଏକମାତ୍ର କାର୍ଯ୍ୟ ହେଲା, ଗୋଟିଏ ନିର୍ଜନ ଦ୍ୱୀପ ଖୋଜି, ଆଇରନ୍‌ଟନ୍‌କୁ ସେଠାରେ ଓହ୍ଲାଇ ଦେବା ।

Digitized by srujanika@gmail.com

—ବାର—

ଭୌଗଳିକ ପ୍ୟାଗାନେଲ ମାନଚିତ୍ର ଦେଖି ଛୋଟିଏ ଦ୍ୱୀପ ଠିକ୍ କଲ—ନାଁ ମେରିଆ ଥେରେସା । ଏପରି ନିର୍ଜ୍ଜନ ଦ୍ୱୀପ ବୋଧହୁଏ ପ୍ରଶାନ୍ତ ମହାସାଗରରେ ଆଉ ନାହିଁ । ଦ୍ୱୀପଟି ଲମ୍ବ ଓ ପ୍ରସ୍ଥରେ ପ୍ରାୟ ୫ ମାଇଲ ହେବ । ଆମେରିକାଠାରୁ ଏହାର ଦୂରତ୍ୱ ସାଢେ ତିନି ହଜାର ମାଇଲ । ଆଉ ନିଉଜିଲାଣ୍ଡରୁ ଦେଢ଼ ହଜାର ମାଇଲ । ଏଠାକୁ କୌଣସି ପ୍ରକାର ଜାହାଜ ଆସେ ନାହିଁ । ମଣିଷ ସଙ୍ଗେ ଏହାର କୌଣସି କାଳେ ସମ୍ପର୍କ ନଥିଲା କି ଭବିଷ୍ୟତରେ ହେବାର ଆଶା ଖୁବ୍ କମ୍ ।

ସୁତରାଂ ଜାହାଜ ମେରିଆ ଥେରେସା ଦିଗରେ ଗଲା । ଦୁଇ ଦିନ ପରେ ଦୂର ଚକ୍ରବାଳରେ ଦ୍ୱୀପଟି ଦେଖାଗଲା, ପ୍ରାୟ ତିରିଶ ମାଇଲ ଦୂରରେ । ଜାହାଜ ଯେତେ ଆଗେଇବାକୁ ଲାଗିଲା ଦ୍ୱୀପଟି ସେତେ ସ୍ପଷ୍ଟ ହେବାକୁ ଲାଗିଲା ।

ଉପରଓଳି ପ୍ରାୟ ପାଞ୍ଚଟାରେ ଜନ୍ ମ୍ୟାଙ୍ଗଲସ ଦେଖିଲା ଦ୍ୱୀପଟିରୁ ଯେପରି ଧୂଆଁ ବାହାରୁଛି ।

Digitized by srujanika@gmail.com

ବୋଧହୁଏ ଏଇଟି ଗୋଟାଏ ଆଗ୍ନେୟଗିରି ଦ୍ୱୀପ ।

ଅସମ୍ଭବ ନୁହେଁ ।

ସନ୍ଧ୍ୟା ହୋଇ ଆସିଲା, ଦ୍ୱୀପଟା ସେତେବେଳେ ପ୍ରାୟ ଅଳ୍ପ କେତେ ମାଇଲ ଦୂରରେ । ରାତି ଆଗରୁ ସେଠାରେ ପହଞ୍ଚି ହେବ ନାହିଁ ବୋଧହୁଏ—କିଏ କହିବ ?

ନା—ତା ଛଡ଼ା ରାତିରେ ଏପରି ଗୋଟାଏ ଅଜଣା ଦ୍ୱୀପରେ ଓହ୍ଲାଇବା ବି ଉଚିତ୍ ହେବ ନ ।

ସୁତରାଂ ରାତି ପ୍ରାୟ ଆଠଟା ବେଳେ ଦ୍ୱୀପଠାରୁ ଅଳ୍ପ ଦୂରରେ ଜାହାଜକୁ ନଙ୍ଗର କରି ରଖାଗଲା । ସକାଳେ ଅଭିରନ୍ଟନ କୁ ଓହ୍ଲାଇ ଦିଆଯିବ ।

ରାତିରେ ଦ୍ୱୀପର ଗୋଟାଏ ଜାଗାରେ ନିଆଁ ଜଳୁଥିବାର ଦେଖାଗଲା । ବୁଝାଗଲା, ଏଇଟା ପ୍ରକୃତରେ ଆଗ୍ନେୟଗିରି । କିନ୍ତୁ କୌଣସି ଗର୍ଜନ ଶୁଣାଯାଉ ନାହିଁ କାହିଁକି ?

ପ୍ୟାଗାନେଲ୍ କହିଲା, କେତେଗୁଡ଼ିଏ ଆଗ୍ନେୟଗିରି ଅଛି ଯେଉଁଥିରେ ଖାଲି ନିଆଁ ଜଳେ, ଶବ୍ଦ ହୁଏ ନାହିଁ ।

ପର ମୁହୂର୍ତ୍ତରେ କିନ୍ତୁ ଏ ଭୁଲ ଭାଙ୍ଗିଗଲା । ହଠାତ୍ ଦେଖାଗଲା ସେଠାରେ ଆଉ ଗୋଟାଏ ନିଆଁ ଜଳୁଛି । ଆଉ ସେ ନିଆଁ ହଲୁଛି, କେତେବେଳେ ଜଳୁଛି ତ ପୁଣି କେତେବେଳେ ଲିଭି ଯାଉଛି ।

Digitized by srujanika@gmail.com

ଏଠି ମଣିଷ ଅଛନ୍ତି ବୋଧହୁଏ, ଲର୍ଡ଼ ଗ୍ଲେନାରଭ୍ୟାନ୍ କହିଲେ ।

ନିଶ୍ଚୟ । ଅସଭ୍ୟ ଜଙ୍ଗଲୀମାନେ ରହନ୍ତି ଏଠାରେ—ପ୍ୟାଗାନେଲ ଯୋଗଦେଲା ।

ଯାହା ହୋଇଥିଲେ ବି ଆଇରନ୍ ଟନ୍‌କୁ ଏଇଠାରେ ଓହ୍ଲାଇଦେବାକୁ ହେବ ।

ରାତି ଏଗାରଟା ବେଳେ ଡେକ ଉପରେ ଜଣେ ଲୋକକୁ ପହରା ରଖି, ସମସ୍ତେ ଶୋଇବାକୁ ଗଲେ । ମେରି ଓ ରବର୍ଟଙ୍କ ଆଖିରେ କିନ୍ତୁ ନିଦ ନାହିଁ ।

ଦୁହେଁ ଡେକକୁ ଆସି ରେଲିଂ ଧରି ଠିଆ ହେଲେ । ମୁଣ୍ଡ ଉପରେ ତାରା ଭରା ଆକାଶ— ତଳେ ଢେଉଭରା ପ୍ରଶାନ୍ତ ମହାସାଗର । ଦୁହେଁ ନାନାପ୍ରକାର ଆଲୋଚନା କଲେ । ମେରି ରବର୍ଟର ଭବିଷ୍ୟତ କଥା ଆଲୋଚନା କଲା । ରବର୍ଟ ମେରିର ଭବିଷ୍ୟତ କଥା ଭାବିଲା । ଦୁହେଁ ବାପାଙ୍କ ବିଷୟରେ ଆଲୋଚନା କଲେ । ସତେ କଣ ବାପା ଏ ପର୍ଯ୍ୟନ୍ତ ବଞ୍ଚିଛନ୍ତି ?

ଏଇ ସମୟରେ ଗୋଟାଏ ଅଦ୍‌ଭୁତ ଘଟଣା ଘଟିଲା ।

ହଠାତ୍ ଦୁହେଁ ସ୍ପଷ୍ଟ ଶୁଣିବାକୁ ପାଇଲେ ଜାହାଜ ତଳେ ପାଣି ଭିତରୁ କିଏ ଯେପରି ଚିତ୍କାର କରୁଛି—ବଞ୍ଚାଅ—ବଞ୍ଚାଅ ।

ଶୁଣି ପାରୁଛୁ ? ରବର୍ଟ କହିଲା ।

ଦୁହେଁ ରେଲିଂ ଧରି ଝୁଙ୍କି ପଡ଼ି ପାଣିକୁ ଅନାଇଲେ, କିନ୍ତୁ କିଛି ଦେଖିବାକୁ ପାଇଲେ ନାହିଁ ।

Digitized by srujanika@gmail.com

ମେଘ କହିବାକୁ ଚେଷ୍ଟା କଲା —ଜାଣୁ ରବର୍ଟ, ମୁଁ ଭାବିଲି ମୁଁ ଭାଙ୍ଗିଲି —

ତା କଥା ଶେଷହେବା ପୂର୍ବରୁ ପୁଣି ସେଇ କଣ୍ଠ ଶୁଣାଗଲା, ବଞ୍ଚାଅ — ବଞ୍ଚାଅ —

ଏଥର ଦୁହେଁ ପାଟି କରି ଉଠିଲେ, ବାପା ! ବାପା !

ମେଘ ମୂର୍ଚ୍ଛିତ ହୋଇପଡ଼ିଲା । ରବର୍ଟ ଧରିପକାଇ ନଥିଲେ ପଡ଼ିଯାଇ ସେ ଭୀଷଣ ଆଘାତ ପାଇଥାନ୍ତା । ପହରା ଦେଉଥିବା ଲୋକଟି ଛୁଟି ଆସିଲା । କେବିନ୍‌ରୁ ଅନ୍ୟମାନେ ଡେକ୍ ଉପରକୁ ଚାଲି ଆସିଲେ ।

ଘଟଣା କଣ ? ଦୁହେଁ କୁଆଡ଼େ ସ୍ପଷ୍ଟ ଶୁଣିଛନ୍ତି ସେମାନଙ୍କ ବାପାଙ୍କ ସ୍ୱର । ସମସ୍ତେ ପାଣି ଉପରକୁ ଚାହିଁଲେ । କିନ୍ତୁ କିଛି ଦେଖା ଗଲା ନାହିଁ ସେଠାରେ । ପ୍ୟାଗାନେଲ କହିଲା, ଏପରି ହୁଏ । ବେଶୀଗୁଡ଼ାଏ ଚିନ୍ତାକଲେ ମଣିଷ ଏହିପରି ଭୁଲ ଶବ୍ଦଶୁଣେ ।

ଲର୍ଡ଼ ଗ୍ଲେନାରଭ୍ୟାନ୍ ଦୁଇଟି ଅନାଥ ତରୁଣ ତରୁଣୀଙ୍କ ପିଠିରେ ହାତ ବୁଲାଇ ସେମାନଙ୍କୁ ଶାନ୍ତ କଲେ । ତା' ପରେ ସେମାନଙ୍କୁ ନେଇ ଯାଇ ତଳେ ଶୁଆଇ ପକାଇଦେଲେ ।

ତା'ଆରଦିନ ସକାଳେ ସମସ୍ତେ ଡେକ୍ ଉପରକୁ ଆସିଲେ ।

ସମସ୍ତେ ଭଲ ଭାବରେ ଦ୍ୱୀପଟିକୁ ଦେଖିବାକୁ ଚାହାଁନ୍ତି । ଅନେକେ ଟେଲିସ୍କୋପ ସାହାଯ୍ୟରେ ଦେଖିବାକୁ ଲାଗିଲେ ।

Digitized by srujanika@gmail.com

ରବର୍ଟ ଆଉ ଥରେ ଚିତ୍କାର କରି କହି ଉଠିଲ, ଆରେ ଦେଖୁଛ, ଦୁଇ ଜଣ ଲୋକ ହାତରେ ପତାକା ଧରି ହଲଉଛନ୍ତି ।

ଆରେ, ଏ ଯେ ଆମ ଜାତୀୟ ପତାକା — ଇଉନିଅନ୍ ଜାକ୍ ।

ଲର୍ଡ଼, ମୁଁ ଏଇ ଦ୍ୱୀପକୁ ଯିବ । ରବର୍ଟ ଲର୍ଡ଼ ଗ୍ଲେନାର-ଭ୍ୟାନଙ୍କୁ ଅନୁରୋଧ କଲା । ମୁଁ ଆପଣଙ୍କ ହାତ ଧରୁଛି, ମୋତେ ଅନୁମତି ଦିଅନ୍ତୁ ।

କେହି କିଛି କହିଲେ ନାହିଁ । ପ୍ରତ୍ୟେକଙ୍କ ମନରେ କାଲି ରାତିରେ ଘଟି ଯାଇଥିବା କଥା ମନେ ପଡ଼ୁଛି । ତାହେଲେ କଣ —

ଗୋଟିଏ ନୌକା ଜଳକୁ ଓହ୍ଲାଇ ଦିଆହେଲା । ସେଥିରେ ବସିଲେ ଲର୍ଡ଼, ମେଜର, ରବର୍ଟ, ଜନ ମ୍ୟାଙ୍ଗ୍ଲସ ଓ ପ୍ୟାଗାନେଲ ଆଉ ଛ' ଜଣ ବଳିଷ୍ଠ ନାବିକ — ଆହୁଲା ମାରିବା ପାଇଁ ।

Digitized by srujanika@gmail.com

— ତେର —

ନୌକା ଯେତେବେଳେ ଦ୍ୱୀପର ତିରିଶ ଚାଳିଶ ଗଜ ଦୂରରେ ପହଞ୍ଚିଲା ସେତେବେଳେ ହଠାତ୍ ମେରି ଚିତ୍କାର କରି ଉଠିଲା- ବାପା !

କୂଳରେ ଜଣେ ଲମ୍ବା ଚଉଡ଼ା ଲୋକ ଠିଆ ହୋଇଥିଲେ, ପାଖରେ ଥିଲେ ଆଉ ଦୁଇ ଜଣ । ସତରେ ସେ ହେଉଛନ୍ତି କ୍ୟାପ୍‌ଟେନ ଗ୍ରାଣ୍ଟ ।

ମେରିର ଚିତ୍କାର କାନରେ ବାଜିବାରୁ କ୍ୟାପ୍‌ଟେନ ଗ୍ରାଣ୍ଟ ଜ୍ଞାନ ହରାଇ ବାଲି ଉପରେ ପଡ଼ିଗଲେ ।

ତା'ପରର ଦୃଶ୍ୟ ହର୍ଷ-ବିଷାଦର । କ୍ୟାପ୍‌ଟେନ ଗ୍ରାଣ୍ଟଙ୍କ ଜ୍ଞାନ ଫେରି ଆସିବା ପରେ, ତାଙ୍କୁ ଓ ତାଙ୍କର ସଙ୍ଗୀ ଦୁଇ ଜଣଙ୍କୁ ଜାହାଜକୁ ଅଣାହେଲା ।

ପୁଅ ଝିଅଙ୍କ ପାଖରୁ ସମସ୍ତ କଥା ଶୁଣି କ୍ୟାପ୍‌ଟେନ, ଲର୍ଡ଼ ଗ୍ଲେନାରଭ୍ୟାନ ଓ ତାଙ୍କର ସଙ୍ଗୀମାନଙ୍କୁ ବହୁତ ଧନ୍ୟବାଦ ଦେଲେ, କୃତଜ୍ଞତା ଜଣାଇଲେ ।

Digitized by srujanika@gmail.com

ଆଇରନ୍‌ନେନ୍‌କୁ ଦ୍ୱୀପରେ ଗୁଡ଼ ଦେବା ପୂର୍ବରୁ କ୍ୟାପ୍‌ଟେନ ସମସ୍ତଙ୍କୁ ଆଉ ଥରେ ମେରିଆ ଥେରେସା ଦେଖାଇବାକୁ ନେଇଗଲେ ।

ଛୋଟ ଦ୍ୱୀପଟିଏ । ନିଜ ହାତରେ ତିଆରି କାଠ ଘର । ଝରଣା ପାଣି, କିଛି ମେଣ୍ଢା ଦୁଧ, ଆଉ ନିଜେ କରିଥିବା ଫସଲ- ଏଇଥିରେ ବେଶ୍ ଚଳି ଯାଉଥିଲେ ସେମାନେ । ସମସ୍ତେ ମିଶି ସେଠାରେ ଜଳଖିଆ ଖାଇଲେ । ତା' ପରେ କ୍ୟାପ୍‌ଟେନ ଆରମ୍ଭ କଲେ ତାଙ୍କର କାହାଣୀ ।

ମେରିଆ ଥେରେସା ଉପକୂଳରେ ତାଙ୍କ ବ୍ରିଟେନିଆ ଜାହାଜ ବୁଡ଼ିଗଲା । ଏହା ଆଗରୁ ସାତ ଦିନ ସେମାନେ ସମସ୍ତେ ପ୍ରଚଣ୍ଡ ତୋଫାନ ସଙ୍ଗେ ଯୁଦ୍ଧ କରିଥିଲେ । ମାତ୍ର ତିନି ଜଣଙ୍କ ଛଡ଼ା ଆଉ ସମସ୍ତେ ଜାହାଜବୁଡ଼ିରେ ମରି ଯାଇଥିଲେ । କେବଳ ସେମାନେ ପହଁରି ପହଁରି ଆସି ଉଠିଲେ ଏଇ ନିର୍ଜନ ଦ୍ୱୀପରେ । ଡ୍ୟାନିଏଲ ଡେଫୋ, ରବିନ୍‌ସନ କ୍ରୁଶୋଙ୍କ ପରି ଅବସ୍ଥା ହେଲା ସେମାନଙ୍କର । ରବିନ୍‌ସନ କ୍ରୁଶୋଙ୍କୁ ଆଦର୍ଶ କରି ସେମାନେ କାର୍ଯ୍ୟରେ ଲାଗିଗଲେ । ଭଙ୍ଗା ବ୍ରିଟାନିଆ ଜାହାଜର କାଠରେ ଘର ତିଆରି କଲେ, ଚାଷ କଲେ । ବଣୁଆ ମେଣ୍ଢା ଧରି ପୋଷିଲେ । ପାଖରେ ଥିବା ଝରଣାରୁ ପିଇବା ପାଣି ସଂଗ୍ରହ କଲେ ।

ଅଢ଼େଇ ବର୍ଷ ଏଇପରି ଏକ ପ୍ରକାର ସୁଖରେ କଟିଗଲା— ଏକମାତ୍ର ମଣିଷମାନଙ୍କ ମୁହଁ ଦେଖିବା ଛଡ଼ା । ଏଥିପାଇଁ ପ୍ରାଣ କାନ୍ଦୁଥିଲା । ଉଦ୍ଧାରର ଆଉ କୌଣସି ଆଶା ନଥିଲା । କାରଣ ଏହା ଜାହାଜ ଯିବା ଆସିବା ବାଟ ନୁହେଁ । ମଝିରେ ମଝିରେ

ଗୋଟାଏ ଦୁଇଟା ଜାହାଜ ଦେଖିଛୁ, ସଙ୍କେତ ବି ଦେଇଛୁ - କିନ୍ତୁ ସେମାନେ ବୋଧହୁଏ ତାହା ଦେଖିବାକୁ ପାଇ ନାହାନ୍ତି । ନିଜ ବାଟରେ ଚାଲି ଯାଇଛନ୍ତି । କ୍ୟାପ୍‌ଟେନ ଗ୍ରାଣ୍ଟ କହିବାକୁ ଲାଗିଲେ ।

କାଲି ରାତିରେ ଯେତେବେଳେ ତୁମ୍ଭମାନଙ୍କ ଏ ଜାହାଜ ଆସୁଥିଲା ଦେଖିଲି । ମନେ ମନେ ଭାରି ଖୁସି ହେଲି । ଦୁଇ ଥର ନିଆଁ ଜାଳିଲି । ତେବେ ବି ତୁମଆଡୁ କୌଣସି ଇଙ୍ଗିତ ପାଇଲି ନାହିଁ । ଶେଷରେ କାଳେ ଏଇ ଜାହାଜକୁ ହରାଇବି— ଏହା ଭାବି ପାଣିରେ ଝାମ୍ପଦେଇ ପହଁରି ପହଁରି ଜାହାଜ ପାଖକୁ ଗଲି । ଦୁଇ ଥର ଚିତ୍କାର କଲି, ବଞ୍ଚାଅ-ବଞ୍ଚାଅ ବୋଲି । କିନ୍ତୁ ବେଶୀ ସମୟ ଏଇ ଉତ୍ତାଳ ଢେଉରେ ରହିବା ସମ୍ଭବ ନଥିଲା । ଫେରି ଆସିଲି କୂଳକୁ ଅଧାମରା ହୋଇ । ରାତିଟା ଯେ ଆମର କି ଯନ୍ତ୍ରଣାରେ କଟିଲା, ତାହା ବୁଝାଇ ପାରିବି ନି ।

ସକାଳେ ଦେଖିଲି, ତୁମମାନଙ୍କ ଜାହାଜରୁ ନୌକା ଆସୁଛି ଆମ ଦ୍ୱୀପକୁ । ତା'ପରର ଘଟଣା ତୁମେମାନେ ଜାଣ ।

କ୍ୟାପ୍‌ଟେନଗ୍ରାଣ୍ଟ ଟିକିଏ ରହିଯାଇ ପୁଣି କହିବାକୁ ଲାଗିଲେ, ବଡ଼ ଅବଶୋଷର କଥା ଯେ ମେରିଆ ଥେରେସା ଖୁବ୍ ଶ୍ରେଷ୍ଠ ଦ୍ୱୀପଟାଏ । ଏଇଟା ଯଦି ଆହୁରି ବଡ଼ ହୋଇଥାନ୍ତା, ଝରଣା ବଦଳରେ ଗୋଟିଏ ନଈ ଥାଆନ୍ତା, ତାହେଲେ ଏହାକୁ ଆମ ଦେଶର ଉପନିବେଶଟିଏ କରି ପାରିଥାନ୍ତେ ।

ଲର୍ଡ ହସି ହସି କହିଲେ, ଏବେ ବି ଆପଣଙ୍କ ମୁଣ୍ଡରୁ ଏଇ ... ଯାଇନି ଦେଖୁଛି ।

ସମସ୍ତେ ପୁଣି ଜାହାଜକୁ ଫେରଆସିଲେ । ଆଜ ଏଇ ଦ୍ୱୀପରେ ଆଇରନ୍‌ଟନ୍‌କୁ ଛାଡ଼ି ଦେଇ ଦେଶକୁ ଫେରିବାକୁ ହେବ ।

ଆଇରନ୍ ଟନ୍‌କୁ ଅଣା ହେଲ ।

ପୁଣି ଆମମାନଙ୍କର ଦେଖା ହେଲ ଆଇରନ୍‌ଟନ—ମୃଦୁ ହସି କ୍ୟାପ୍‌ଟେନ ଗ୍ରାଣ୍ଟ୍ କହିଲେ ।

ମୁଣ୍ଡ ନୁଆଁଇ ରହିଲ ଆଇରନ୍‌ଟନ୍, ଧୀର ଭାବରେ କହିଲ, ଆପଣଙ୍କୁ ସୁସ୍ଥ ଶରୀରରେ ଦେଖି ମୁଁ ଖୁସି ହୋଇଛି କ୍ୟାପ୍‌ଟେନ ।

ଧନ୍ୟବାଦ ! କ୍ୟାପ୍‌ଟେନ ଗ୍ରାଣ୍ଟ୍ କହିଲେ । ଆଜିଠାରୁ ଏଇ ନିର୍ଜନ ଦ୍ୱୀପରେ ତୁମକୁ ରହିବାକୁ ହେବ ଏବଂ ମୃତ୍ୟୁଯାଏ କୃତ-କର୍ମର ପ୍ରାୟଶ୍ଚିତ କରିବାକୁ ହେବ ।

ଲର୍ଡ ଗ୍ଲେନାରଭ୍ୟାନ ଶେଷଥର ପାଇଁ କହିଲେ— ଆଇରନ୍‌ଟନ୍, ତା'ହେଲେ ତୁମେ ଏଇଠାରେ ଓହ୍ଲାଇ ରହିଯିବାକୁ ରାଜି ?

ହଁ ଆଜ୍ଞା !

ଥରେ ଭାବ ଦେଖ— ତୁମେ ମଲାଯାଏ କୌଣସି ଲୋକବାକୁ ଦେଖିବାକୁ ପାଇବ ନାହିଁ । ତୁମକୁ ଏଠାରେ ଏକା ରହିବାକୁ ହବ । ତୁମେ ମରିପଡ଼ିଥିବ, କିନ୍ତୁ ଖବର ଦେବାକୁ କେହି ନଥିବେ । ତୁମର ଶବ ପଶୁ, ପକ୍ଷୀ ଖାଇଦେବେ ।

Digitized by srujanika@gmail.com

ତଥାପି ମୁଁ ଖଳ ଅଛି ।

ବେଶ୍ ହୋ'ହେଲେ ଭୁଲ । ଯଦିଓ ତୁମେ କାହାର ସ୍ମରଣ ଅଯୋଗ୍ୟ୍, ତେବେ ବି ଲୋକେ ତୁମକୁ ମନେ ରଖିବେ ଏବଂ ଆମେ ତମ ଠିକଣା ଜାଣିଛୁ । ଯଦି କେତେବେଳେ ଦରକାର ପଡ଼େ, ତେବେ ତୁମକୁ ଏଇଠି ଡାକିବୁ ।

ଈଶ୍ୱର ଆପଣମାନଙ୍କର ମଙ୍ଗଳ କରନ୍ତୁ । ଧୀର ଭାବରେ ଆଇରନ୍‌ଟନ୍ କହିଲା ।

ନୌକା ପ୍ରସ୍ତୁତ ହୋଇ ରହିଥିଲା । କିଛି ମାଂସ, କେତେ ଖଣ୍ଡ ପୋଷାକ ପତ୍ର, ଆଉ ଗୋଟାଏ ଅଗ୍ନେୟାସ୍ତ୍ର ଆଇରନ୍‌ଟନ୍‌କୁ ଦିଆଗଲା । ବାଇବେଲଟିଏ ବି ଦିଆଗଲା ।

ବିଦାୟ ବେଳ ଆସିଲା ।

ହେଲେନା ଓ ମେରିଙ୍କ ଆଖିରୁ ମଧ୍ୟ ଏ ପାପିଷ୍ଠ ପାଇଁ ଲୁହ ଝରି ପଡ଼ିଲା ।

ତାକୁ ଥରେ ଭାବିବାକୁ କହନ୍ତୁ, ସେମାନେ ଲର୍ଡ଼ଙ୍କୁ ଅନୁରୋଧ କଲେ । ବିଚରା ଶେଷରେ ହୁଏ ତ ଅନୁତାପ କଲେ ବି ଉପାୟ ପାଇବ ନାହିଁ ।

ତାକୁ ଯିବାକୁ ଦିଅ ହେଲେନା, ଲର୍ଡ଼ କହିଲେ । ତାର ଏଇ ଶାସ୍ତି ଦରକାର ।

Digitized by srujanika@gmail.com

ନୌକାରେ ଜନ ମ୍ୟାଙ୍ଗ୍‌ଲସ ସଙ୍ଗରେ ଗଲ । ଆଇରନ୍‌ଟନ୍‌ ଜାହାଜଆଡ଼େ ଖାଲି ମୁଣ୍ଡରେ ଠିଆହୋଇ ଚାହିଁ ରହିଲ । ଜାହାଜର ସମସ୍ତେ ମୁଣ୍ଡରୁ ଟୋପି କାଢ଼ି ପକାଇଲେ— ମରିବାକୁ ଯାଉଥିବା ଲୋକ ପାଇଁ ଯେପରି ଭାବରେ କାଢନ୍ତି ।

ନୌକା ଆଗେଇ ଯିବାକୁ ଲଗିଲ ଦ୍ୱୀପ ଆଡ଼କୁ । କାହା ମୁହଁରେ କୌଣସି କଥା ନାହିଁ, ସମସ୍ତେ ନୀରବ ।

ନୌକା ମେରିଆ ଥେରେସା କୂଳରେ ପହଞ୍ଚିବା ମାତ୍ରେ ଆଇରନ୍‌ଟନ୍‌ ଡେଇଁ ପଡ଼ିଲ କୂଳକୁ– ତା'ପରେ ଜନ୍‌ ମ୍ୟାଙ୍ଗ୍‌ଲସ ଓ ଅନ୍ୟମାନେ ନୌକା ନେଇ ଜାହାଜକୁ ଫେରିଆସିଲେ ।

ସେତେବେଳକୁ ସନ୍ଧ୍ୟା ଚାରିଟା ହେଲାଣି

ଡେକ୍‌ ଉପରୁ ସମସ୍ତେ ଦେଖି ପାରିଲେ, ଆଇରନ୍‌ଟନ୍‌ ଗୋଟାଏ ଛୋଟ ପାହାଡ଼ ଉପରେ ପଥର ମୂର୍ତ୍ତି ପରି ଜାହାଜକୁ ଚାହିଁ ଠିଆ ହୋଇ ରହିଛି ।

ତାହେଲେ ଏଥର ଆମେ ଜାହାଜ ଛାଡ଼ିବା ଲର୍ଡ ? ଜନ-ମ୍ୟାଙ୍ଗ୍‌ଲସ ପଚାରିଲା ।

ହଁ ଜନ, ଲର୍ଡ଼ ଗ୍ଲେନାରଭ୍ୟାନ ବ୍ୟଥାଭରା କଣ୍ଠରେ ଉତ୍ତର ଦେଲେ । ବିଚରା ଆଇରନ୍‌ଟନ୍‌ ପାଇଁ ସହୃଦୟ ଲର୍ଡ଼ଙ୍କ କଣ୍ଠ ଦୁଃଖରେ ରୁଦ୍ଧ ହୋଇ ଆସୁଥିଲା ।

Digitized by srujanika@gmail.com

ଚଲଓ, ଜନ ମ୍ୟାଙ୍ଗ୍‌ଲସ ନାବିକମାନଙ୍କୁ ଇଞ୍ଜିନ ଚଳାଇବାକୁ ଆଦେଶ ଦେଲା ।

ଧୀରେ ଧୀରେ ଜାହାଜ ଦ୍ୱୀପଠାରୁ ଦୂରକୁ ଚାଲିଯିବାକୁ ଲାଗିଲା । ରାତି ଆଠଟା ମଧ୍ୟରେ ମେରିଆ ଥେରେସା ଛୋଟରୁ ଆହୁରି ଛୋଟ ହୋଇ ଦୃଷ୍ଟି ସୀମାର ବାହାରକୁ ଚାଲିଗଲା ।

— —

Digitized by srujanika@gmail.com

Digitized by srujanika@gmail.com